

# ମୋକ୍ଷ ସନ୍ନ୍ୟାସ ଯୋଗ



ଭଗବତଗୀତାରେ ଅଠର ଅଧ୍ୟାୟ ଆଉ ସାତ ଶହ ଶ୍ଳୋକ ଅଛି । ଅଠର ତମ ଅଧ୍ୟାୟ 'ମୋକ୍ଷ ସନ୍ନ୍ୟାସ ଯୋଗ' କୁହାଯାଏ । ଅର୍ଥାତ୍ ସନ୍ନ୍ୟାସ କିମ୍ବା ତ୍ୟାଗର ମାଧ୍ୟମରେ ମୁକ୍ତିର ଯୋଗ । ଏହା ସନ୍ନ୍ୟାସ କିମ୍ବା ତ୍ୟାଗର ଦ୍ୱାରା ଗନ୍ତବ୍ୟ ପର୍ଯ୍ୟନ୍ତ ପହଞ୍ଚିବା ହେଇଥାଏ । ଯାହା ମୋକ୍ଷ କିମ୍ବା ମୁକ୍ତି ଅଟେ । ଏହା ଆମର ବିଭାଜନକାରୀ ଦୃଷ୍ଟିକୋଣରୁ ମୁକ୍ତି ଅଟେ ଆଉ ଏହା ଆସ୍ଥାଙ୍କର ଅଥବା ମାନ୍ୟତାରୁ ମୁକ୍ତି ଅଟେ । ଆଉ ଅନ୍ତତଃ ସ୍ୱୟଂ ତ୍ୟାଗରୁ ମଧ୍ୟ ମୁକ୍ତି ଅଟେ ।

ଏହି ଅଧ୍ୟାୟରେ ଅର୍ଜୁନଙ୍କ ପ୍ରଶ୍ନରେ ଆରମ୍ଭ ହୋଇଥାଏ,'ହେ ହୃଷିକେଶ ! ମୁଁ ସନ୍ନ୍ୟାସ ଆଉ ତ୍ୟାଗର ତତ୍ତ୍ୱକୁ ଆଉ ସେମାନଙ୍କ ମଧ୍ୟର ଭେଦକୁ ସ୍ପଷ୍ଟ ରୂପରେ ଜାଣିବାକୁ ଚାହୁଁଛି' । ଶ୍ରୀକୃଷ୍ଣ ଉତ୍ତର ଦେଉଛନ୍ତି,'କାମନାରୁ ଅଭିପ୍ରେରିତ କର୍ମକୁ ପରିତ୍ୟାଗକୁ ବିଦ୍ୱାନ ଲୋକ 'ସନ୍ନ୍ୟାସ' କହିଛନ୍ତି ଆଉ ସବୁ କର୍ମର ଫଳର ତ୍ୟାଗକୁ ବୁଦ୍ଧିମାନ ଲୋକ 'ତ୍ୟାଗ' କହିଥାନ୍ତି' । କିଛି ମନୀଷୀ ଘୋଷିତ କରିଥାନ୍ତି ଯେ ସମସ୍ତ ପ୍ରକାର କର୍ମକୁ ଦୋଷ ପୂର୍ଣ୍ଣ ମାନିକରି ତାହାକୁ କରିବା ଜରୁରୀ । କିନ୍ତୁ ଅନ୍ୟ ବିଦ୍ୱାନ ଏହା ଆଗ୍ରହ କରଥାନ୍ତି କି ଯଜ୍ଞ,ଦାନ ତଥା ତପସ୍ୟା ଭଳି କର୍ମକୁ କେବେ ତ୍ୟାଗ କରିବ ନାହିଁ ।

ଶ୍ରୀକୃଷ୍ଣ 'ସନ୍ନ୍ୟାସ' ଆଉ 'ତ୍ୟାଗ' ଶବ୍ଦକୁ ପରସ୍ପର ଗୋଟିଏ ରୂପରେ ପ୍ରୟୋଗ କରିଥାନ୍ତି,ଯେଉଁଥିରୁ ଏହି ସଂକେତ ମିଳିଥାଏ କି ଏହି ଦୁହେଁ ତ୍ୟାଗ କିମ୍ବା ବୈରାଗ୍ୟର ପାଇଁ ପ୍ରଯୁକ୍ତ ଦୁଇ ଭିନ୍ନ ନାମ ଅଟେ । ଶ୍ରୀକୃଷ୍ଣ ଆମକୁ ତ୍ୟାଗର ବିଷୟରେ ପ୍ରଚଳିତ ଚାରି ବିଚାରଧାରାକୁ ଅବଗତ କରେଇଛନ୍ତି । ସଂଯୋଗବଶ,ସବୁ ମତ ଆଉ ବିଶ୍ୱାସ ପ୍ରଣାଳୀର ମୂଳ ରୂପରେ ଏହି ବିଚାରଧାରରୁ କୌଣସି ଗୋଟିଏ ଉପରେ ଆଧାରିତ ଅଟେ ।

ପ୍ରଥମ ମତର ଅନୁସାରେ ତ୍ୟାଗର ଅର୍ଥ ହେଲା ସବୁ ଇଛାରେ ପ୍ରେରିତ କର୍ମର ତ୍ୟାଗ କରିବା ଅର୍ଥାତ୍ କର୍ମ କରିବା ସମୟରେ ପ୍ରେରଣା କିମ୍ବା ସ୍ୱାର୍ଥର ଅନୁପସ୍ଥିତି । ଦ୍ୱିତୀୟ ବିଚାରଧାରର ଅନୁସାରେ ତ୍ୟାଗର ଅର୍ଥ ହେଲା କୌଣସି ବି କର୍ମକୁ କରିବା ସମୟରେ କର୍ମ ଫଳର ତ୍ୟାଗ କରିବା । ତୃତୀୟ ମତ ଏହା କହିଥାଏ କି ସବୁ କର୍ମ କଳୁଷିତ(ଅପବିତ୍ର) ଅଟେ,ଅତଃ ଏହାର ପୂର୍ଣ୍ଣ ପରିତ୍ୟାଗ କରିବା ଦରକାର । ଏହି ଦୃଷ୍ଟିକୋଣ 'କର୍ତ୍ତାପଣ'ର ଭାବନାକୁ ତ୍ୟାଗ କରିବାର କଥା କରିଥାଏ ଆଉ 'ଅସ୍ତିତ୍ୱ' ଆଉ 'ପରମାତ୍ମା'ଙ୍କୁ ସମସ୍ତ କର୍ମର କର୍ତ୍ତା ରୂପରେ ମାନିଥାଏ । ଶେଷ ତଥା ଚତୁର୍ଥ ମତ ଏହା କହିଥାଏ କି କର୍ମର ପ୍ରତି ଚୟନଶୀଳ ହେବା ଦରକାର,ଯଜ୍ଞ, ଦାନ ଆଉ ତପ ଭଳି କର୍ମର ପରିତ୍ୟାଗ କରିବା କଥା ନୁହେଁ । ତେଣିକି ଯେକୌଣସି ମତ କିମ୍ବା ବିଚାରଧାର ହେଉ ନା' କାହିଁକି, କୌଣସି ନା' କୌଣସି ରୂପରେ ଏହା ସବୁ ମାର୍ଗର ଗୋଟିଏ ହିଁ ଗନ୍ତବ୍ୟ 'ମୋକ୍ଷ'ର ଆଡକୁ ନେଇଯାଏ ।





# ବିଶ୍ୱାସରେ ଶକ୍ତି..

ଥରେ ନାରଦ ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ,'ପ୍ରଭୁ ! ଏହି ସଂସାରରେ ଆପଣଙ୍କର ସବୁଠୁ ବଡ ଭକ୍ତ କିଏ ?' ଶ୍ରୀକୃଷ୍ଣ ଟିକିଏ ହସିଦେଇ କହିଲେ,'ରୁକ୍ମଣୀ' ।

ନାରଦ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ପଚାରିଲେ,'ରାଧା ନୁହେଁ ? ଯଶୋଦା ମା' ନୁହନ୍ତି ? ଅର୍ଜୁନ ମଧ୍ୟ ନୁହନ୍ତି ?'

ଶ୍ରୀକୃଷ୍ଣ କହିଲେ,'ରୁକ୍ମଣୀ ମୋତେ ପାଇବା ପୂର୍ବରୁ ନିଜର ବୋଲି ମାନି ନେଇଥିଲେ ?'

ନାରଦ ପଚାରିଲେ,କେମିତି ?

ଶ୍ରୀକୃଷ୍ଣ କହିଲେ,ତାଙ୍କ ଭାଇ ତାଙ୍କର ବିବାହ ଶିଶୁପାଳଙ୍କ ସହିତ ନିଶ୍ଚିତ କରିଥିଲେ, ଆଉ ସେହି ସମୟ ପର୍ଯ୍ୟନ୍ତ ରୁକ୍ମଣୀ ମୋତେ ଦେଖି ବି ନଥିଲେ । ତଥାପି ସେ ମୋ ପାଇଁ ଗୋଟିଏ ପତ୍ର ଲେଖିଥିଲେ ।

ନାରଦ ପଚାରିଲେ,'କ'ଣ ଲେଖା ହେଇଥିଲା ସେ ପତ୍ରରେ ?' ଶ୍ରୀକୃଷ୍ଣ ଉତ୍ତର ଦେଲେ,'ଶବ୍ଦ ବ ବହୁତ କମ୍ ଥିଲା,କିନ୍ତୁ ବିଶ୍ୱାସ ଅସୀମ ଥିଲା' । ସେଥିରେ ଲେଖା ହୋଇଥିଲା,ମୋତେ ପୂର୍ଣ୍ଣ ବିଶ୍ୱାସ ଅଛି ଆପଣ ଅବଶ୍ୟ ଆସିବେ । ଯଦି ଆପଣ ନ ଆସିବେ,ତା'ହେଲେ ମଧ୍ୟ ମୁଁ ଜୀବନ ସାରା ଆଉ କାହାକୁ ନିଜର ବୋଲି ଭାବିବି ନାହିଁ । ତା'ପରେ ଶ୍ରୀକୃଷ୍ଣ ହସିକରି କହିଲେ,ଯେଉଁ ବ୍ୟକ୍ତି ତୁମର ବିଶ୍ୱାସର ଯୋଗ୍ୟ ହେବ,ତା' ଉପରେ ବିଶ୍ୱାସ କରିବା ସାମାନ୍ୟ କଥା ଅଟେ । କିନ୍ତୁ ଯିଏ ତୁମର ବିଶ୍ୱାସର କାରଣ ସ୍ୱୟଂକୁ ସେହି ବିଶ୍ୱାସର ଯୋଗ୍ୟ ବନେଇ ଦେବ,ତାହା ହିଁ ପ୍ରକୃତ 'ବିଶ୍ୱାସ' ଅଟେ । ରୁକ୍ମଣୀ ମୋଠି ମୋର ସାମର୍ଥ୍ୟର ନୁହେଁ,ନିଜର ଅତୁଟ ବିଶ୍ୱାସରେ ବାନ୍ଧି ଦେଇଥିଲେ । ବିଶ୍ୱାସ ସେହି ଶକ୍ତି ଅଟେ,ଯାହା ଅସମ୍ଭବକୁ ମଧ୍ୟ ସମ୍ଭବରେ ବନେଇ ଦେଇଥାଏ । ଯେଉଁଠି ଅତୁଟ ଶ୍ରଦ୍ଧା.ନିଷ୍ଠା ଆଉ ସମର୍ପଣ ହୋଇଥାଏ, ସେଠାରେ ସ୍ୱୟଂ ଭଗବାନ ମଧ୍ୟ ନିଜର ଭକ୍ତର ବିଶ୍ୱାସକୁ ଭାଙ୍ଗିବାକୁ ଦେଇ ନ ଥାନ୍ତି ।

*ମନୋଜ କୁମାର ବେହେରା*
*ମୋ- ୭୯୭୮୮୩୦୬୧୧*



## ହଜି ଗଲାଣି ଓଡ଼ିଆ ପିଠା

### ଯୁବପିଢ଼ିର ପସନ୍ଦ ବର୍ଗର ପିଜା

*ବିଶେଷକରି ଓଡ଼ିଆଙ୍କ ପିଠାର ପ୍ରକାରଭେଦ ବହୁପ୍ରକାର । ଆଉ ପ୍ରତି ପିଠା କୌଣସି ନା କୌଣସି ଓଡ଼ିଆ ପର୍ବପର୍ବାଣି ସହିତ ଜଡ଼ିତ ଥାଏ । ସେଥିପାଇଁ ପିଠାକୁ କେହି ଭୁଲି ପାରନ୍ତି ନାହିଁ । ପର୍ବ ଆସିଲେ, ତା ସଂପର୍କିତ ପିଠା ଖାଇବାକୁ ମିଳେ ।*



ପରିବର୍ତ୍ତିତ ସମୟ ସହ ବଦଳି ଚାଲିଛି ସାମାଜିକ ଚାଲିଚଳଣି । ସେଥିରୁ ଓଡ଼ିଆମାନେ ବାଦ୍ ପଡ଼ନ୍ତେ କିପରି ? ଜୀବନଯାପନ ଶୈଳୀଠାରୁ ଆରମ୍ଭ କରି ଖାଦ୍ୟପେୟ ଓ ବେଶଭୂଷା; ସବୁଠି ପାଶ୍ଚାତ୍ୟ ସଂସ୍କୃତିର ଝଲକ ଦେଖିବାକୁ ମିଳୁଛି । ଆଧୁନିକ ହେବା ଚକ୍କରରେ ନିଜର ସଭ୍ୟତା ଓ ସଂସ୍କୃତିକୁ ଭୁଲି ଯାଉଛନ୍ତି ଆଜିର ଯୁବପିଢ଼ି । ଏହି କ୍ରମରେ ଓଡ଼ିଆଙ୍କର ଖାଦ୍ୟ ରଚି ମଧ ବଦଳିବାରେ ଲାଗିଛି । ଓଡ଼ିଆ ଲୋକମାନେ ନିଜର ଖାଦ୍ୟ ଆଡ଼ମ୍ବରକୁ ନେଇ ସ୍ୱତନ୍ତ୍ର ପରିଚୟ ପାଇଛନ୍ତି । ଏମାନେ ଯେମିତି ଖାଆନ୍ତି, ସେମିତି ଖୁଆନ୍ତି । ଓଡ଼ିଆଙ୍କ ଇଷ୍ଟଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଣେ ଖାଦ୍ୟପ୍ରିୟ ଠାକୁର । ଦୈନିକ ସେ ଖାଆନ୍ତି ଚଉଷଠୀ ପଉଟି ଭୋଗ । ସେଥିରେ ପୁଣି ଏତେ ଭେରାଇଟି ଯେ, ବୋଧହୁଏ ବିଶ୍ୱର ଅନ୍ୟ କୌଣସି ମନ୍ଦିରରେ ଏତେପ୍ରକାର ଖାଦ୍ୟ ଭୋଗ ହେଉନଥିବ । ପ୍ରତି ଓଡ଼ିଆ ଘରେ ଖାଦ୍ୟର ପ୍ରକାର ଅଲଗା ଅଲଗା । ଏତେ ଭେରାଇଟି ଦେଶୀ ଖାଦ୍ୟ ପ୍ରସ୍ତୁତି ଅନ୍ୟ କେଉଁଠି ଦେଖାଯାଏ ନାହିଁ । ବିଶେଷକରି ଓଡ଼ିଆଙ୍କ ପିଠାର ପ୍ରକାରଭେଦ ବହୁପ୍ରକାର । ଆଉ ପ୍ରତି ପିଠା କୌଣସି ନା କୌଣସି ଓଡ଼ିଆ ପର୍ବପର୍ବାଣି ସହିତ ଜଡ଼ିତ ଥାଏ । ସେଥିପାଇଁ ପିଠାକୁ କେହି ଭୁଲି ପାରନ୍ତି ନାହିଁ । ପର୍ବ ଆସିଲେ, ତା ସଂପର୍କିତ ପିଠା ଖାଇବାକୁ ମିଳେ । କିନ୍ତୁ ଏବେର ଓଡ଼ିଆମାନଙ୍କ ରଚି ବଦଳି ଚାଲିଛି । ବର୍ତ୍ତମାନ ଓଡ଼ିଆ ଖାଦ୍ୟକୁ କବଳିତ କଲାଣି ଫାଷ୍ଟଫୁଡ୍ । ପିଠାର ସ୍ଥାନ ନେବାକୁ ବସିଛି ପିଜା, ବର୍ଗର, ମୋମୋ । ଆଜିର ନୂଆ ସମୟର ପିଲାଏ ମଣ୍ଡାପିଠା ଖାଇବାକୁ ପସନ୍ଦ କରୁନାହାନ୍ତି, ବରଂ ସେଇ ମଣ୍ଡାପିଠା ପ୍ରକ୍ରିୟାରେ ତିଆରି ମୋମୋ ସେମାନଙ୍କ ଦୈନନ୍ଦିନ ପସନ୍ଦର ଖାଦ୍ୟ ପାଲଟିଛି । ସେହିପରି କାକରା ପିଠାର ସ୍ଥାନ ନେଇଛି ବର୍ଗର ।

## ଚାଣକ୍ୟ ନୀତି

ଚାଣକ୍ୟଙ୍କ ଅନୁଯାୟୀ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ହେଉଛି ଦୁନିଆର ସବୁଠାରୁ ଶକ୍ତିଶାଳୀ ସମ୍ପର୍କ । ଏହି ସମ୍ପର୍କରେ ଏହି ଜିନିଷଗୁଡ଼ିକୁ କେବେବି ଅନୁମତି ଦିଆଯିବା ଉଚିତ ନୁହେଁ । ଚାଣକ୍ୟ ନୀତିରେ ଆଚାର୍ଯ୍ୟ ଚାଣକ୍ୟ ମଧ ଏକ ସୁଖୀ ଦାମ୍ପତ୍ୟ ଜୀବନ ବିଷୟରେ ଆଲୋଚନା କରିଛନ୍ତି । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କକୁ କିପରି ମଜଭୁତ କରାଯିବ ଓ କେଉଁ ଜିନିଷଗୁଡ଼ିକର ଯତ୍ନ ନିଆଯିବା ଉଚିତ । ୧. ଚାଣକ୍ୟ ନୀତି ଅନୁଯାୟୀ, ଏହି ସମ୍ପର୍କରେ ସନ୍ଦେହକୁ ଅନୁମତି ଦେବା ଉଚିତ ନୁହେଁ । ଏହି ସମ୍ପର୍କକୁ ଦୁର୍ବଳ କରିବାରେ ସନ୍ଦେହ ସବୁଠାରୁ ବିଶେଷ ଭୂମିକା ଗ୍ରହଣ କରିଥାଏ । ଏହା ଭୁଲ ବୁଝାମଣାର କାରଣ ହୋଇଥାଏ ଓ ପରେ ଏହି ସନ୍ଦେହ ଜୀବନରେ ବିଷ ଭରି ଦେଇଥାଏ । କୁହାଯାଏ ଯେ ଥରେ ସନ୍ଦେହ ପ୍ରବେଶ କଲେ ଏହା ସହଜରେ ଦୂର ହୁଏ ନାହିଁ । ସମ୍ପର୍କରେ ପରିପକ୍ୱତା ରହିବା ଉଚିତ । ୨. ଚାଣକ୍ୟ ନୀତିରେ କୁହାଯାଇଛି ଯେ ଅହଂ ବିବାହିତ ଜୀବନରେ ବିଷକୁ ତରଳାଇବା ପାଇଁ କାମ କରେ । ଏହା ସମ୍ପର୍କକୁ ନଷ୍ଟ କରିଥାଏ । ଏଥିରୁ ଦୂରରେ ରହିବାକୁ ଚେଷ୍ଟା କରନ୍ତୁ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଅହଂ ପାଇଁ କୌଣସି ସ୍ଥାନ ରହିବା ଉଚିତ ନୁହେଁ । ୩. ଆଚାର୍ଯ୍ୟ ଚାଣକ୍ୟଙ୍କ ଅନୁଯାୟୀ, ଯଦି ଦାମ୍ପତ୍ୟ ଜୀବନକୁ ସୁଖମୟ କରାଯାଏ, ତେବେ ଏଥିରେ ମିଥ୍ୟା ରହିବାର ସ୍ଥାନ ରହିବା ଉଚିତ ନୁହେଁ । ମିଥ୍ୟା ସ୍ୱାମୀ ଓ ସ୍ତ୍ରୀଙ୍କ ସମ୍ପର୍କକୁ ଦୁର୍ବଳ କରିବାକୁ ଚେଷ୍ଟା କରେ । ତେଣୁ ଏଥିରୁ ଦୂରରେ ରହିବା ଉଚିତ ।

# ସେବକ ନୁହେଁ, ସଖା



ପଞ୍ଜାବର ନାମୀ ସମାଜ ସଂସ୍କାରକ ଭାବରେ ଖ୍ୟାତି ଥିଲା ରାୟ ବାହାଦୁର ଲାଲଚନ୍ଦଙ୍କର । ପରୋପକାର ଥିଲା ଜୀବନର ବ୍ରତ । ଦୁଃଖୀରଙ୍କୀ, ଅଭାବଗ୍ରସ୍ତ, ନିପୀଡ଼ିତ ଲୋକ, ଯିଏ ବି ତାଙ୍କର ସାହାଯ୍ୟ ପ୍ରାର୍ଥୀ ହେଉଥିଲେ ମୁକ୍ତହସ୍ତରେ ଦାନ କରୁଥିଲେ । ଏପରି କି ଅନୁଷ୍ଠାନର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମଧ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ ଦେଉଥିଲେ । ପଞ୍ଜାବର ଏକ କନ୍ୟା ଗୁରୁକୁଳକୁ ବିପୁଳ ଅର୍ଥରାଶି ଦାନ କରିଥିଲେ । ଗୁରୁକୁଳାଶ୍ରମ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ନିବେଦନ କରାଯାଇଥିଲା । ଏହା ପଢ଼ି ଲାଲଚନ୍ଦ ସହାୟତା ଦେଇଥିଲେ । ମୋଟା ଅଙ୍କର ଅର୍ଥ ଦେଇ ଥିବାରୁ କୃତଜ୍ଞତା ଜ୍ଞାପନ ଉଦ୍ଦେଶ୍ୟରେ ତାଙ୍କର ଗୃହକୁ ଯିବାପାଇଁ ପ୍ରଧାନ ଆଚାର୍ଯ୍ୟ ଉଚିତ ମଣିଥିଲେ । ଲାଲଚନ୍ଦଙ୍କ ବାସଭବନରେ ପହଞ୍ଚି ଦୀର୍ଘ ସମୟ ପର୍ଯ୍ୟନ୍ତ ଦ୍ୱାର ଖଟ୍‌ଖଟ୍ କରିଥିଲେ ମଧ କେହି ଦ୍ୱାର ଖୋଲି ନଥିଲେ । ଶେଷରେ ଆଉଜା ହୋଇଥିବା କବାଟ ଖୋଲି ଗୃହ ଭିତରକୁ ପ୍ରବେଶ କରିଥିଲେ । ଘର ଭିତରକୁ ପ୍ରବେଶ କଲା ପରେ ଯାହା ଦେଖିଲେ ସେଥିରେ ଚକିତ ହୋଇଯାଇଥିଲେ । ଦେଖିବାକୁ ପାଇଥିଲେ ବୟସର ଅପରାହ୍ଣରେ ପହଞ୍ଚିଥିବା, ପକ୍ୱକେଶ ବିଶିଷ୍ଟ ଜଣେ ବୃଦ୍ଧ ଅନ୍ୟ ଜଣେ ବୃଦ୍ଧଙ୍କର ପାଦ ଚିପୁଛନ୍ତି । ପାଦ ଚିପୁଥିବା ବ୍ୟକ୍ତିଙ୍କୁ ଲାଲଚନ୍ଦଙ୍କର କେଉଁଠି ଦେଖା ମିଳିବ ବୋଲି ପଚାରିଥିଲେ ପ୍ରଧାନ ଆଚାର୍ଯ୍ୟ । ଉତ୍ତର ମିଳିଥିଲା ମୁଁ ନିଜେ ଲାଲଚନ୍ଦ । ଏହା ଶୁଣି ପ୍ରଧାନ ଆଚାର୍ଯ୍ୟ ନିଜ ଆଖିକୁ ବିଶ୍ୱାସ କରିପାରି ନଥିଲେ । ଜୀବନର ଅପରାହ୍ଣରେ ପହଞ୍ଚିଥିବା, ସେବା ଚାହୁଁଥିବା ବ୍ୟକ୍ତିଜଣଙ୍କ ଅନ୍ୟ ଜଣେ ବୃଦ୍ଧଙ୍କର ସେବା କରିବା ଦେଖି ପ୍ରଧାନ ଆଚାର୍ଯ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଲାଲଚନ୍ଦଙ୍କୁ ପଚାରିଥିଲେ ଆପଣ ଯେଉଁ ବୃଦ୍ଧ ବ୍ୟକ୍ତିଙ୍କ ପାଦ ମଞ୍ଚାଳୁଛନ୍ତି ସେ ଜଣକ କିଏ ? ଲାଲଚନ୍ଦ ଦୀର୍ଘଶ୍ୱାସ ଛାଡ଼ି ଉତ୍ତର ଦେଇଥିଲେ- 'ସେ ମୋର ସଖା ବୋଲି ଭାବି ନିଅନ୍ତୁ । ପ୍ରକୃତରେ ସେ ମୋର ସେବକ । ବିଗତ ଚାଳିଶ ବର୍ଷ ହେଲା ନିରବଚ୍ଛିନ୍ନ ଭାବରେ ମୋର ସେବା କରି ଆସିଛି । ମୋର ଭଲ ମନ୍ଦ, ହାନିଲାଭ ଦୀର୍ଘବର୍ଷ ଧରି ବୁଝି ଆସୁଥିବା ସେବକଟି ଆଜି ଅସୁସ୍ଥ ହୋଇ ପଡ଼ିଛି । ସେ ମୋର ସେବାକାରୀ ନୁହେଁ; ସହୃଦୟ ସଖା । ଏବେ ମୁଁ ତା'ର ସେବା କରିବା ପାଳି ପଡ଼ିଛି । ଏହାକୁ ମୁଁ କିପରି ବା ଏଡ଼ାଇ ଯିବି ?' ଏହା ଶୁଣିବା ପରେ ଖାଲି ବଦାନ୍ୟତା ନୁହେଁ; ଲାଲଚନ୍ଦଙ୍କ ମହତପଣିଆ ଦେଖି ତାଙ୍କ ନିକଟରେ ଶ୍ରଦ୍ଧାରେ ମଥାନତ ହୋଇଯାଇଥିଲା ପ୍ରଧାନ ଆଚାର୍ଯ୍ୟଙ୍କର ।

# ଶ୍ରୀକୃଷ୍ଣଙ୍କ ଉପାସିକା



ମହତ ଉଦ୍ଦେଶ୍ୟ ନେଇ ବ୍ରାହ୍ମଣ ଏବଂ କ୍ଷତ୍ରିୟମାନେ ଯଜ୍ଞ ଆୟୋଜନ କରୁଥିଲେ । ତେବେ ଯଜ୍ଞ କୁଣ୍ଡରେ ଅର୍ପଣ କରାଯାଉଥିବା ହବନ ସାମଗ୍ରୀ ଦେବତାଙ୍କ ନିକଟରେ ପହଞ୍ଚିପାରୁନଥିଲା । ସମସ୍ତେ ଏ ସମ୍ପର୍କରେ ଅଭିଯୋଗ ନେଇ ସୃଷ୍ଟିକର୍ତ୍ତାଙ୍କ ନିକଟକୁ ଗଲେ । ବ୍ରହ୍ମା ସମସ୍ତଙ୍କ ସହ ଭଗବାନ ଶ୍ରୀକୃଷ୍ଣଙ୍କ ପାଖକୁ ଗଲେ । ସମସ୍ୟା ଶୁଣିବା ପରେ ଭଗବାନ କୃଷ୍ଣ କହିଲେ- ତୁମେମାନେ ପ୍ରକୃତିକୁ ପୂଜା କର । ପୂଜା ହେବାରୁ ପ୍ରକୃତି ମାତାଙ୍କ କଳା ପ୍ରକଟ ହେଲେ ଏବଂ ସେ ସମସ୍ତଙ୍କୁ ବର ମାଗିବାକୁ କହିଲେ । ବ୍ରାହ୍ମଣ ଏବଂ କ୍ଷତ୍ରିୟମାନେ ତାଙ୍କୁ ବର ମାଗିଲେ- ଆପଣ ଯଜ୍ଞରେ ହବନ ହେଉଥିବା ସାମଗ୍ରୀ ଗ୍ରହଣ କରନ୍ତୁ । ଦେବୀ ଏଥିପାଇଁ ରାଜି ହୋଇଗଲେ । ସେ ଶ୍ରୀକୃଷ୍ଣଙ୍କ ଉପାସିକା ଥିଲେ । ପ୍ରକୃତିଙ୍କର ସେହି କଳା ରୂପୀ ଦେବୀଙ୍କୁ ଶ୍ରୀକୃଷ୍ଣ କହିଲେ- ଆଜିଠାରୁ ଆପଣ 'ସ୍ୱାହା' ନାମରେ ପ୍ରସିଦ୍ଧ ହେବେ । ଆପଣଙ୍କ ମାଧ୍ୟମରେ ଦେବତାମାନେ ଯଜ୍ଞରେ ଅର୍ପଣ କରାଯାଉଥିବା ସାମଗ୍ରୀ ଗ୍ରହଣ କରିବାରେ ସମର୍ଥ ହେବେ । ଏହାରି ମାଧ୍ୟମରେ ତୃପ୍ତ ହୋଇ ଦେବଗଣ ବରଦାନ କରିବେ ।



ଦିନଲିପି

୨୩ .୧୦. ୨୦୨୬ ଶୁକ୍ରବାର



# ରମ୍ଭା ଓ ସାବୁଲିଆ ଅଞ୍ଚଳରେ ଦୁର୍ଗା ଭସାଣି

ରମ୍ଭା,(ନିପ୍ର): ସ୍ଥାନୀୟ ଓ ସାବୁଲିଆ ଅଞ୍ଚଳବାସୀଙ୍କ ଶାନ୍ତି ଓ କଲ୍ୟାଣ କାମନା ପାଇଁ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଶାରଦୀୟ ଦୁର୍ଗାପୂଜା ବେଶ୍ ଆଡ଼ମ୍ବର ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ପୂଜା ଉପଲକ୍ଷେ ପରିସର ଉତ୍ସବମୁଖର ହୋଇଉଠିଥିଲା।

ପୂଜା ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ମା' ଦୁର୍ଗାଙ୍କ ଆବାହନ, କଳସ ସ୍ଥାପନ, ବିଧିବଦ୍ଧ ପୂଜାର୍ଚ୍ଚନା, ଚଣ୍ଡୀପାଠ ଏବଂ ପୂର୍ଣ୍ଣାହୁତି ସହ ହୋମଯଜ୍ଞ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ରହି ସମସ୍ତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ଥାନୀୟ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କ ଚରଣରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଅଞ୍ଚଳରେ ଶାନ୍ତି, ଶୃଙ୍ଖଳା, ସୁରକ୍ଷା ତଥା ସାମାଜିକ ଭାଇଚାରା ବଜାୟ ରଖିବା ନିମନ୍ତେ ସମସ୍ତେ ମା'ଙ୍କ ନିକଟରେ ସାମୂହିକ ପ୍ରାର୍ଥନା କରିଥିଲେ। ପୂଜା ଶେଷରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଓ କର୍ମଚାରୀଙ୍କ ମଧ୍ୟରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ହର୍ଷୋଲ୍ଲାସ ମଧ୍ୟରେ ଶାରଦୀୟ ଦୁର୍ଗାପୂଜା ଓ ଭଷାଣି ଉତ୍ସବ ଜାକଜମକରେ ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ ଅଞ୍ଚଳର ସମସ୍ତ ଜନସାଧାରଣ ଏକତ୍ର ହୋଇ ମା'ଙ୍କ ଆରାଧନା କରିବା ସହ ସମଗ୍ର ଅଞ୍ଚଳବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ।

# ଧର୍ମପରାୟଣା ମହିଳା ବିଦୁ୍ୟଲତାଙ୍କ ବିୟୋଗ

ପୁରୀ,(ନିପ୍ର): ପୁରୀ ଟାଉନ୍ ଦଣ୍ଡତୋଟା ଜଗନ୍ନାଥ ଲେନ୍ ନିବାସୀ ବିଶିଷ୍ଟ ସମାଜସେବୀ, ତଥା ପର୍ଯ୍ୟଟନ ବିଭାଗର ଅବସରପ୍ରାପ୍ତ ଅଧିକାରୀ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କର ଧର୍ମପତ୍ନୀ ବିଦୁ୍ୟଲତା ମହାନ୍ତିଙ୍କର ଗତ ୧୯ ତାରିଖ ରାତ୍ର ଘ. ୭.୪୦ ମିନିଟ୍ ସମୟରେ ନିଜ ବାସଭବନରେ ୮୧ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଅତ୍ୟନ୍ତ ସରଳ, ସ୍ନେହୀ, ମେଳାପି , ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଭାବରେ ସମସ୍ତ ମହଲରେ ସୁପରିଚିତା । ସହରର ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତା ମହାନ୍ତିଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଶୁଭେନ୍ଦୁ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ ।

# ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ପରିସରରୁ ଅହିରାଜ ସାପ ଉଦ୍ଧାର

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ସହରର ଉପକଣ୍ଠରେ ଅବସ୍ଥିତ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରରୁ ୧୨ ଫୁଟ ଲମ୍ବର ଏକ ଅହିରାଜ ସାପକୁ ଖଳିସାହି ଗ୍ରାମର ୨ ଜଣ ସ୍ନେକ ହେଲପ ଲାଇନର ଉଦ୍ଧାର କରି ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ସାପଟି ପର୍ଯ୍ୟଟନସ୍ଥଳୀ ପରିସରରେ ଏଣେ ତେଣେ ବୁଲୁଥିବା ବେଳେ ସେଠାକୁ ପରିଭ୍ରମଣରେ ଆସିଥିବା କେତେକ ବ୍ୟକ୍ତିଙ୍କ ନଜରକୁ ସାପଟି ଆସିବା ସହ ସେମାନେ ଭୟଭୀତ ହୋଇ ପଡିଥିଲେ। ପରେ ଖବରପାଇ ସ୍ନେକ ହେଲପ ଲାଇନର ସଦସ୍ୟମାନେ ସେଠାରେ ପହଞ୍ଚି ସାପଟିର ଗତିବିଧି ନିରୀକ୍ଷଣ କରିବା ସହ ଦୀର୍ଘ ସମୟ ପରେ ପର୍ଯ୍ୟଟନସ୍ଥଳୀ ପରିସରରୁ ବିଷଧର ସାପଟିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ଜଣାପଡିଛି।ତେବେ ଅହିରାଜ ସାପଟିକୁ ଦେଖିବା ପାଇଁ ପର୍ଯ୍ୟଟନସ୍ଥଳୀ ପରିସରରେ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

# ଚୋରା ମାଦକ ଦ୍ରବ୍ୟର ବ୍ୟାପକ କାରବାର

ନିଆଳି,(ନିପ୍ର): ସମଗ୍ର ନିଆଳି ଅଞ୍ଚଳରେ ଚୋରାମାଦକ ଦ୍ରବ୍ୟର ବ୍ୟାପକ କାରବାର ଚାଲିଥିବା ଅଭିଯୋଗ ହେଉଛି। ବିଶେଷ କରି ଚୋରାଦେଶୀ ବିଦେଶୀ ମଦ ,ଗଞ୍ଜେଇ ଓ ବ୍ରାଉନ୍‌ସୁଗାର କାରବାର ଏଠାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପହଙ୍ଗା, ମାଧବ, କପାସୀ, କଞ୍ଚିଶାଳ, ବିନିଶପୁର, କୃଷ୍ଣପ୍ରସାଦ, ପନିମାଳ, ଏର[illegible],ସିଠାଲୋ, କସର୍ଦା, ରାଣିଓଳା, ଶଗଡାଇଲୋ, ବିଶେଷ କରି ବିଳାସୁଣୀ ଦହିଜଙ୍ଗ ବଜାର, ନିଆଳି ନୂଆଗାଁ ସମେତ ଏହି ଅଞ୍ଚଳର ଗ୍ରାମ୍ୟ ଛକମାନଙ୍କରେ ଚୋରା ମଦ ଓ ଗଞ୍ଜେଇ ଅବାଧ କାରବାର ଚାଲିଥିବା ଅଭିଯୋଗ ହେଉଛି। ତେବେ କାଁ ଭାଁ ଚଢାଉ କରାଯାଇ ଅଳ୍ପ ପରିମାଣର ମାଦକ ଦ୍ରବ୍ୟ ଜବତ କରିବା ଭଳି କାର୍ଯ୍ୟାନୁଷ୍ଠାନ ଚୋରା ମାଦକଦ୍ରବ୍ୟ ରୋକିବାରେ ସମର୍ଥ ହୋଇନଥିବା ଅଭିଯୋଗ ହେଉଛି।

# ନିଆଳିରେ ଭସାଣୀ ଉତ୍ସବ ଶାନ୍ତିପୂର୍ଣ୍ଣଭାବେ ଶେଷ

ନିଆଳି (ନିପ୍ର): ନିଆଳି ଅଞ୍ଚଳରେ ଦୁର୍ଗାପୂଜା ଓ ଭସାଣୀ ଉତ୍ସବ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଏହି ଅଞ୍ଚଳର ନିଆଳି ,ବଙ୍ଗାଳିସାହୀ, କୃଷ୍ଣପ୍ରସାଦ, ପହଙ୍ଗା, ବିଳାସୁଣୀ, ସିଠାଲୋ,ବିନିଶପୁର ଆଦିରେ ମୃଣ୍ମୟୀ ଦେବୀ ତଥା ହରପାର୍ବତୀ ପୀଠ ସ୍ଥଳି ମାନଙ୍କରେ ଦଶହରା ଦିନ ଭକ୍ତମାନଙ୍କର ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ନିଆଳିର ଶ୍ରୀ ଶ୍ରୀ ହରପାର୍ବତୀ ପୂଜାନୁଷ୍ଠାନ ପକ୍ଷରୁ ନବରାତ୍ରପୂଜା ସହିତ ପ୍ରବଚନ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ଆଜି ପୂର୍ବାହ୍ନରେ ନିଆଳିର ଶ୍ରୀ ଶ୍ରୀ ହରପାର୍ବତୀ ,ବଙ୍ଗାଳିସାହୀର ମା ଦୁର୍ଗା ଓ ଅନ୍ୟାନ୍ୟ ସୁସଜ୍ଜିତ ମେଢ ଗୁଡିକୁ ଶ୍ରଦ୍ଧାଳୁମାନେ ବାଡିଖେଳ,ଆତସବାଜୀ ଓ ବିଭିନ୍ନ ନୃତ୍ୟ ,ଗୀତ ପ୍ରଦର୍ଶନ ମାଧ୍ୟମରେ ବଜାର ପରିକ୍ରମା କରିବା ପରେ ପୂର୍ବ ପରମ୍ପରା ଅନୁଯାୟୀ ନିଆଳିର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଶୋଭନେଶ୍ୱରଙ୍କୁ ଶୋଭାଯାତ୍ରାରେ ଲାଖବିନ୍ଧା ପିଠସ୍ଥଳିକୁ ନିଆଯାଇଥିଲା।

# କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ପରିଚୟ ହରାଉଛି 'ପରିଚୟ ଗୃହ'



କଣ୍ଟିଲୋ,(ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳର ବସ୍ତିବାସିନ୍ଦାଙ୍କ ଆନୁଷାଙ୍ଗିକ ସୁବିଧାକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ବିଭିନ୍ନ ୱାର୍ଡରେ ଏନଏସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପରିଚୟ ଗୃହଗୁଡିକ ଗତ ୩ ବର୍ଷ ତଳେ ନିର୍ମାଣ କରାଯାଇଥିଲା। ତତ୍କାଳୀନ ସରକାରଙ୍କ ଅମଳରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନାରେ ନିର୍ମାଣ ହୋଇଥିବା ପରିଚୟ ଗୃହ ଗୁଡିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ପରିଚୟ ହରାଇବାକୁ ବସିଥିବା ନଜରକୁ ଆସୁଛି। ମୋଟା ମୋଟି ଭାବେ ପରିଚୟ ଗୃହଗୁଡିକ ଏବେ କାର୍ଯ୍ୟରେ ନ ଆସି ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ବେଳେ ବୁଲା କୁକୁର, ଷଣ୍ଢ ଓ ଗାଇଗୋରୁଙ୍କ ନିରାପଦ ଆଶ୍ରୟସ୍ଥଳ ପାଲଟିଥିବା ଜଣାପଡିଛି।

ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗୋଟିଏ ପରିଚୟ ଗୃହ ନିର୍ମାଣ ବାବଦରେ ସେହି ସମୟରେ ୭.୨୦ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ଜଣାପଡିଛି। କେଉଁଠି ପରିଚୟ ଗୃହ ନିର୍ମାଣ ପରେ ସେଠାରେ ତାଲା ଝୁଲୁଛି ତ ଆଉ କେଉଁଠି ଦିନ ଓ ରାତିରେ ନିଶାଖୋର ଅସାମାଜିକ ଯୁବକଙ୍କ ଭିଡ ଜମୁଥିବା ପରିଲକ୍ଷିତ ହେଉଛି। ପୁଣି କେଉଁଠି ପରିଚୟ ଗୃହରେ ରାତିରେ ଭୋଜି ଭାତର ଆସର ଜମୁଛି।

ତେବେ ପ୍ରଶ୍ନ ଉଠେ ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ପରିଚୟ ଗୃହଗୁଡିକ ନିର୍ମାଣ କରିଥିଲେ ତାହା ଏବେ ମୂଳ ଲକ୍ଷ୍ୟ ଠାରୁ ଦୂରେଇ ଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ନିର୍ମାଣ ସରିବାର ୩ ବର୍ଷ ପରେ ବି ସମସ୍ତ ପରିଚୟ ଗୃହଗୁଡିକୁ ଅଦ୍ୟାବଧି ବିଦ୍ୟୁତ ସଂଯୋଗୀକରଣ କରାଯାଇ ନ ଥିବାବେଳେ ସେଠାରେ ପାନୀୟ ଜଳ ନିମନ୍ତେ ମଧ୍ୟ ସେଭଳି କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୌଣସି ବସ୍ତିବାସିନ୍ଦା କେବି ବି ପରିଚୟ ଗୃହ ପରିସରରେ ବସି ସଭା ସମିତି ନତୁବା ବୈଠକ କରୁଥିବାର ନଜିର ନଥିବା ଜଣାପଡିଛି। କେଉଁ ମହତ୍ ଲକ୍ଷ୍ୟ ନେଇ ପରିଚୟ ଗୃହଗୁଡିକ ନିର୍ମାଣ କରାଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ପରିଚୟ ଗୃହ ନିର୍ମାଣ ବାବଦରେ ବ୍ୟୟ ହୋଇଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡିବା ସାର ହୋଇଥିବା ଜଣାପଡିଛି। ଏଥିପ୍ରତି ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ବିଭିନ୍ନ ଦାବି ନେଇ ରେଳବାଇ ଏଆରଏମ୍‌ଙ୍କୁ ଦାବିପତ୍ର

ଯୋଡ଼ା,(ନିପ୍ର): କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ଅନ୍ତର୍ଗତ ବାଂଶପାଣି ରେଳ ଷ୍ଟେସନରେ ଗୁରୁବାର ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଏରିଆ ରେଲୱେ ମ୍ୟାନେଜର ଅଭିଷେକ ସିଂଙ୍କୁ ଭେଟି ସ୍ଥାନୀୟ କାଉନସିଲରମାନେ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି । ଯୋଡା ପୌରପାଳିକାର ୧୧ ନଂ କାଉନସିଲର ବରୁଣ ଆପଟ୍ଟ,୧୨ ନଂ କାଉନସିଲର ନୀଳମଣି ମୁଣ୍ଡା, ୧୩ ନଂ କାଉନସିଲର ଦିପ୍ତି ରଂଜନ ବେହେରା, ଭାଜପା ଜିଲ୍ଲା ସଂପାଦକ ଝରଣା ମହାନ୍ତ, ଭାଜପା କର୍ମୀ କୁଳଦୀପ ପାତ୍ର, ସ୍ଥାନୀୟ ଅଧିବାସୀ ଶକ୍ତି ବସା ପ୍ରମୁଖ ଏରିଆ ରେଲୱେ ମ୍ୟାନେଜରଙ୍କୁ ବାଂଶପାଣି ରେଳ ଷ୍ଟେସନରେ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ସମସ୍ୟାର ସମାଧାନ ନେଇ ଆଲୋଚନା ମଧ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ଅଛି କି, ଯଦିଓ ଭାରତୀୟ ରେଳବାଇରେ କାର୍ଗୋ ଲୋଡିଂ ମାଧ୍ୟମରେ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ବାଂଶପାଣି ରେଳ ଷ୍ଟେସନ ଦ୍ୱିତୀୟ ସ୍ଥାନ ଅଧିକାର କରିଛି, ବାଂଶପାଣି ରେଳ ଷ୍ଟେସନରେ ଉପଲବ୍ଧ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଅତ୍ୟନ୍ତ ଖରାପ ରହିଛି। ଯୋଡା ପୌରପାଳିକା ଏବଂ ଏହାର ସଂଲଗ୍ନ ଅଞ୍ଚଳର ବାସିନ୍ଦାମାନଙ୍କୁ ବ୍ୟକ୍ତିଗତ, ସରକାରୀ, ଚିକିତ୍ସା ଏବଂ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ଯୋଗ ଦେବା ପାଇଁ ପ୍ରାୟତଃ ଭୁବନେଶ୍ୱର, କଟକ, ଟାଟା ନଗର, କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ଦିଲ୍ଲୀ ଇତ୍ୟାଦି ଯାତ୍ରା କରିବାକୁ ପଡୁଛି। ତଥାପି, ଏହି ସ୍ଥାନଗୁଡ଼ିକ ମଧ୍ୟରୁ ଅଧିକାଂଶ ସ୍ଥାନକୁ ଟ୍ରେନ୍ ସଂଯୋଗ ଅଭାବରୁ, ସ୍ଥାନୀୟ ଅଂଚଳବାସୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଦାବିଗୁଡ଼ିକ ଉପରେ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି ।




ମୁଖ୍ୟ ଦାବି ଗୁଡିକ ମଧ୍ୟରେ ପୁରୀ - ଆନନ୍ଦ ବିହାର ଏକ୍ସପ୍ରେସ୍ ଭଳି ଟ୍ରେନ୍ ଗୁଡ଼ିକୁ ରଖିବା ପାଇଁ ବାଂଶପାଣି ରେଳ ଷ୍ଟେସନର ପ୍ଲାଟଫର୍ମ ବହୁତ ଛୋଟ। ତେଣୁ ଏପରି ଟ୍ରେନ୍‌ଗୁଡ଼ିକୁ ରଖିବା ପାଇଁ ପ୍ଲାଟଫର୍ମକୁ ବିସ୍ତାର କରାଯିବା ଉଚିତ, ବାଂଶପାଣି ରେଳ ଷ୍ଟେସନରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା, ସପ୍ତାହରେ ଦୁଇଥର ପୁରୀ - ଆନନ୍ଦ ବିହାର ଏକ୍ସପ୍ରେସ୍ ପରିଚାଳନା କରିବା,କେନ୍ଦୁଝରରୁ କୋଲକାତାକୁ ବଂଶପାଣି ଦେଇ ଦୈନିକ ଟ୍ରେନ୍ ଆରମ୍ଭ କରିବା, ସପ୍ତାହରେ ଅତି କମରେ ଥରେ ଚେନ୍ନାଇ, ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁକୁ ଟ୍ରେନ୍ ସେବା ଆରମ୍ଭ କରିବା, ବାଂଶପାଣିରୁ ଭୁବନେଶ୍ୱରକୁ ମେମୁ ଟ୍ରେନ୍ ସେବା ଆରମ୍ଭ କରିବା, ଉପରୋକ୍ତ ଦାବିଗୁଡ଼ିକ ଯଥାର୍ଥ ଏବଂ ବହୁ ବର୍ଷ ଧରି ପୂରଣ ହୋଇନାହିଁ, ଫଳରେ ଏହି ଅଞ୍ଚଳର ବାସିନ୍ଦାମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ଖୁଣ୍ଟପାଣି ଠାରେ ବୈକଳ୍ପିକ ପହଞ୍ଚ ରାସ୍ତା ନିର୍ମାଣ କରିବାକୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ।

# ସାଲେପୁରରେ ଜଗତ୍‌ଜନନୀ ମା'ଦୁର୍ଗାଙ୍କ ଭଷାଣୀ

ସାଲେପୁର,(ନିପ୍ର): ଧରାପୃଷ୍ଠକୁ ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଆଗମନକୁ ନେଇ ଗାଁଠୁ ସହର ସବୁଠି ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ଏଥିରୁ ବାଦ୍ ପଡ଼ି ନ ଥିଲା ସାଲେପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ମା'ଙ୍କୁ ସ୍ୱାଗତ କରିବା ପାଇଁ ଚନ୍ଦ୍ରାଦେଇପୁର ହାଟ ଦୁର୍ଗାପୂଜା, ମାଛୁଆତି, ରୋଧପୁର, ବେଲହୁଡ଼ା, ଜପକୁଦ, କଲ୍ୟାଣପୁର ଓ ବହୁଗ୍ରାମ ଦୁର୍ଗାପୂଜା ମଣ୍ଡପରେ ମା'ଙ୍କୁ ପୂଜା ଅର୍ଚ୍ଚନା କରାଯିବା ସହିତ ପୂଜାକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟିଗୁଡ଼ିକ ପକ୍ଷରୁ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସିଥିଲା।

ପୂଜା ମଣ୍ଡପ ଓ ଏଥିସହିତ ମା'ଙ୍କ ଆକର୍ଷଣୀୟ ମୃଣ୍ମୟୀ ମୂର୍ତ୍ତିମାନ ନିର୍ମାଣ କରାଯାଇଥିଲା । ପୂଜା କମିଟି ପକ୍ଷରୁ ଓ ବିଦ୍ୱାନ ପଣ୍ଡିତମାନଙ୍କ ଦ୍ୱାରା ମନ୍ତ୍ରଧ୍ୱନିରେ ଓ ବେଦପାଠରେ ସମଗ୍ର ଅଂଚଳରେ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି ହୋଇଥିଲା। ଆଜି ଜଗତଜନନୀ ମା'ଦୁର୍ଗାଙ୍କ ଭଷାଣୀ ଉତ୍ସବରେ ସିଂହବାଜା, ଘଣ୍ଟଘଣ୍ଟା, ଢୋଲ, ଶଙ୍ଖ ଧ୍ୱନି ସହିତ ପାରମ୍ପରିକ ବାଦ୍ୟରେ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଭଷାଣୀ ଉତ୍ସବରେ ପୂଜା କମିଟି ସଦସ୍ୟ ଓ ଶ୍ରଦ୍ଧାଳୁମାନେ ପରସ୍ପରକୁ ଅଭିର ରଙ୍ଗ ବୋଳି ଶୁଭେଚ୍ଛା ଜଣାଇଥିଲେ। ପରିଶେଷରେ ଉତ୍ସାହ ଓ ଉଦ୍ଦୀପନା ସହ ଶାନ୍ତି ଶୃଙ୍ଖଳାରେ ଭଷାଣୀ ଉତ୍ସବ ସମ୍ପନ୍ନ ହୋଇଥିଲା।

# ଗଜପତି ଜିଲ୍ଲାରେ ହୋମ୍‌ଷ୍ଟେ ବିକାଶ ନିମନ୍ତେ ଯୋଜନା ମିଳିବ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା

ପାରଳାଖେମୁଣ୍ଡି(ନିପ୍ର): ଗଜପତି ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ହୋମ୍‌ଷ୍ଟେ ବିକାଶ ଯୋଜନା ଉପରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରଦତ୍ତ ସୂଚନା ଅନୁଯାୟୀ, ଜିଲ୍ଲାର ଜିରାଙ୍ଗ, ଲବାରସିଂ ଓ କଇଁପୁର ଅଞ୍ଚଳର ଯୋଗ୍ୟ ବାସିନ୍ଦାମାନେ ନିଜ ଘରକୁ ପର୍ଯ୍ୟଟକଙ୍କ ରହଣି ପାଇଁ ହୋମ୍‌ଷ୍ଟେରେ ପରିଣତ କରି ଏହି ଯୋଜନାର ଲାଭ ଉଠାଇ ପାରିବେ। ସୂଚନା ଅନୁସାରେ, ହୋମ୍‌ଷ୍ଟେ ନିର୍ମାଣ ଓ ବିକାଶ ପାଇଁ ସର୍ବାଧିକ ୧୦ ଲକ୍ଷ ଟଙ୍କାର ଆର୍ଥିକ ସବ୍‌ସିଡିର ବ୍ୟବସ୍ଥା ରହିଛି। ଏଥିରେ ଚାରି ଗୋଟି କୋଠରି ରହିବା ସହ ପ୍ରତ୍ୟେକ କୋଠରିର ଆକାର ୧୦୦ରୁ ୧୨୦ ବର୍ଗଫୁଟ ମଧ୍ୟରେ ରହିବା ଆବଶ୍ୟକ ବୋଲି ଉଲ୍ଲେଖ କରାଯାଇଛି। ଜିରାଙ୍ଗ, ଲବାରସିଂ କିମ୍ବା କଇଁପୁର ଅଞ୍ଚଳର ସ୍ଥାୟୀ ବାସିନ୍ଦା ତଥା ଆଗ୍ରହୀ ବ୍ୟକ୍ତିମାନେ ହୋମ୍‌ଷ୍ଟେ ପରିଚାଳନା ନିମନ୍ତେ ଆବେଦନ କରିପାରିବେ। ଏହି ଯୋଜନାର ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ସର୍ବନିମ୍ନ ଚାରିଗୋଟି କୋଠରି ବିକଶିତ କରିବାର ବ୍ୟବସ୍ଥା ରହିଛି। ଆବେଦନ ସମୟରେ ଆଧାର କାର୍ଡ କିମ୍ବା ଅନ୍ୟ ପରିଚୟପତ୍ର, ଜମିର ରେକର୍ଡ ବା ପଟ୍ଟା, ଘରର ଜିଓ-ଟ୍ୟାଗ୍‌ଯୁକ୍ତ ଫଟୋ ଏବଂ ଉପଲବ୍ଧ ଥିଲେ ପ୍ରକଳ୍ପ ଖର୍ଚ୍ଚର ଆକଳନ ଦାଖଲ କରିବାକୁ ପଡ଼ିବ। ଆବେଦନ ନିମନ୍ତେ ଶୁଳ୍କ ୨,୦୦୦ ଟଙ୍କା ପ୍ରଦାନ ନିମନ୍ତେ ସୂଚନା ପ୍ରଦାନ କରାଯାଇଛି। ଗଜପତି ଜିଲ୍ଲାର ଜିରାଙ୍ଗ ବୌଦ୍ଧ ମଠ, ମହେନ୍ଦ୍ରଗିରି ପର୍ବତ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ରହିଛି। ଏହି ଯୋଜନାର ସଫଳ ରୂପାୟନ ହେଲେ ପର୍ଯ୍ୟଟକଙ୍କ ରହଣି ସୁବିଧା ବୃଦ୍ଧି ପାଇବା ସହ ସ୍ଥାନୀୟ ଲୋକଙ୍କ ଆୟ ବୃଦ୍ଧି ଏବଂ ଜିଲ୍ଲାର ପର୍ଯ୍ୟଟନ ଅର୍ଥନୀତିକୁ ନୂତନ ଦିଗ ମିଳିପାରିବ ବୋଲି ଆଶା କରାଯାଉଛି।

# କଟକ ଷ୍ଟେସନରେ 'ରେଳ ଜନ ସମ୍ବାଦ' କାର୍ଯ୍ୟକ୍ରମ



କଟକ(ନିପ୍ର): ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ୬.୦ ର ଅଂଶ ସ୍ୱରୂପ ପୂର୍ବ ତଟ ରେଳପଥ ପକ୍ଷରୁ ଆଜି କଟକ ରେଳ ଷ୍ଟେସନଠାରେ 'ରେଳ ଜନ ସମ୍ବାଦ' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବ ତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି. କେ. ମିଶ୍ର ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ଅବସରରେ ରେଳପଥର ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଭାରତୀୟ ରେଳପଥ ପକ୍ଷରୁ ଦେଶବ୍ୟାପୀ ଆୟୋଜିତ ଏକଦିବସୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଅଂଶ ଭାବେ ଏହି ଜନସମ୍ବାଦ ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପ ଅନ୍ତର୍ଗତ ବିଭିନ୍ନ ରେଳ ଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ସହିତ ସେହି ଦିନ ସ୍ୱଚ୍ଛତା ଅଭିଯାନ ମଧ ଆୟୋଜିତ ହୋଇଥିଲା। ରେଳପଥ ଓ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ସ୍ଥାପନ, ଯାତ୍ରୀମାନଙ୍କୁ ସଚେତନ କରିବା ଏବଂ ରେଳ ସେବାର ଉନ୍ନତି ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ସମୟରେ ଶ୍ରୀ ମିଶ୍ର ଏବଂ ଅନ୍ୟ ରେଳ ଅଧିକାରୀମାନେ ଷ୍ଟେସନରେ ଯାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଷ୍ଟେସନର ସୁବିଧା, ଯାତ୍ରୀ ଆନୁଷଙ୍ଗିକ ସୁବିଧା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତି ସମ୍ପର୍କରେ ସେମାନଙ୍କ ମତାମତ, ପରାମର୍ଶ ଓ ଅଭିଯୋଗ ଶୁଣିବା ସହ ଆବଶ୍ୟକୀୟ ପଦକ୍ଷେପ ପାଇଁ ତାହାକୁ ଲିପିବଦ୍ଧ କରାଯାଇଥିଲା। ଏହି ଅବସରରେ ଯାତ୍ରୀମାନଙ୍କୁ ଯାତ୍ରା ସମୟରେ ନିଜ ସୁରକ୍ଷା ପ୍ରତି ଧ୍ୟାନ ଦେବା ସହ ଟ୍ରେନରେ ଚଢ଼ିବା ଓ ଓହ୍ଲାଇବା ସମୟରେ ସମସ୍ତ ସୁରକ୍ଷା ନିୟମ ପାଳନ କରିବା, ରେଳ ଷ୍ଟେସନ ଓ ରେଳ ପରିସରକୁ ସ୍ୱଚ୍ଛ ରଖିବା ସହ ରେଳ ସମ୍ପତ୍ତିର ସୁରକ୍ଷା କରିବା, ଅସୁରକ୍ଷିତ କାର୍ଯ୍ୟକଳାପରୁ ଦୂରେଇ ରହିବା ଏବଂ ଟ୍ରେନ ଚଳାଚଳକୁ ସୁଗମ ଓ ସୁରକ୍ଷିତ କରିବା ପାଇଁ ରେଳ କର୍ମଚାରୀଙ୍କୁ ସହଯୋଗ କରିବା, ଦାୟିତ୍ୱପୂର୍ଣ୍ଣ ଯାତ୍ରା ଅଭ୍ୟାସ ଅନୁସରଣ କରିବା ଉପରେ ସଚେତନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ଉତ୍ସାହ ୨୦୨୬'

ସୋନପୁର,(ନିପ୍ର): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀମାନଙ୍କୁ ନେଇ କ୍ରୀଡ଼ା ଉତ୍ସବ ଉତ୍ସାହ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଉତ୍ସାହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଦେବାଶିଷ ସିଂ ଶିଶୁମାନଙ୍କୁ କ୍ରୀଡ଼ା ପ୍ରତି ରୁଚି ରଖିବାକୁ ଉତ୍ସାହିତ କରିଥିଲେ।



କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଶିଶୁ ମଙ୍ଗଳ କମିଟି ଅଧକ୍ଷା ଲିନା ବାବୁ ଯୋଗଦେଇ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନମାନଙ୍କରୁ ଆସିଥିବା ଶିଶୁ ମାନେ ଦୌଡ଼, ଉଚ୍ଚଡ଼ିଆଁ, ଲମ୍ଫଡିଆଁ, କେରମ୍, ଚେଶ୍ ଆଦି ଖେଳରେ ଭାଗ ନେଇଥିଲେ। ସମସ୍ତ କୃତିତ୍ୱ ହାସଲ କରିଥିବା ଶିଶୁମାନଙ୍କୁ ଅତିଥିମାନେ ମାନପତ୍ର ଓ ପଦକ ଦେଇ ସମ୍ମାନିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ସଭାପତିତ୍ୱ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ମୃତ୍ୟୁଞ୍ଜୟ ସାହୁ, ଗୌତମ ମହାପାତ୍ର, ଥବିର କାଲସେ,ଭାସ୍କର ଦାଶ, ମାନିନୀ ମହାନ୍ତି, ଜିତେନ୍ଦ୍ର ମଣ୍ଡଲ, ପ୍ରଶାନ୍ତ ମହାକୁଡ଼, ରୁଦ୍ର ପ୍ରସନ୍ନ ମିଶ୍ର ଆଦି ସହଯୋଗ କରିଥିଲେ।

# ସଡ଼କ ଦୁର୍ଘଟଣାରେ ବାୟୁସେନା ଯୁବ ସୈନିକ ମୃତ୍ୟୁ

ହିଞ୍ଜିଳିକାଟୁ,(ନି.ପ୍ର): ଭାରତୀୟ ପ୍ରତିରକ୍ଷା ବିଭାଗର ବାୟୁ ସେନାରେ କାର୍ଯ୍ୟରତ ହିଞ୍ଜିଳିକାଟୁ ବ୍ଲକ ତଥା ବେଲଗାଁ ଥାନା ଗଣ୍ଡଳା ବଡ଼ ଧୋବାସାହିର ଯୁବ ସୈନିକ ଚିଣ୍ଟୁ ସେଠୀ ଗୁରୁବାର ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କ ଠାରୁ ଜଣାପଡ଼ିଛି। ଗଣ୍ଡଳା ଗ୍ରାମ ନିବାସୀ ସଂଯୁକ୍ତା ସେଠୀଙ୍କ ଏକ ମାତ୍ର ପୁଅ ଚିଣ୍ଟୁ ଗତ ଦୁଇ ବର୍ଷ ପୂର୍ବେ ବାୟୁ ସେନା ବିଭାଗରେ ସୈନିକ ଭାବେ ନିଯୁକ୍ତି ପାଇ ଆସାମ ଏୟାର ବେସରେ ନିୟୋଜିତ ହୋଇଥିଲେ। ସେ କୌଣସି ଏକ କାମରେ ବାଇକ ଚଳାଇ କାମାକ୍ଷା ସହରକୁ ଆସିଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣା ସ୍ଥଳରୁ ତାଙ୍କୁ ଉଦ୍ଧାର କରାଯାଇ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

# ବିଶିଷ୍ଟ ଭାଷାବିତ୍ ଉଦୟନାଥ ସାହୁ ପାଇବେ ସତ୍ୟବାଦୀ ସପ୍ତସଖା ସମ୍ମାନ

ପୁରୀ,(ନିପ୍ର): ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ ତରଫରୁ ଭକ୍ତ ସାଲବେଗ ସମାଧି ପୀଠ ପରିସରରେ ଏକ ବୈଠକ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ସଭାରେ ଡକ୍ଟର ହେମନ୍ତ କୁମାର ଛୋଟରାୟଙ୍କ ସଭାପତିତ୍ୱ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଭାଷାବିତ୍ ପ୍ରଫେସର ଉଦୟନାଥ ସାହୁଙ୍କୁ 'ସତ୍ୟବାଦୀ ସପ୍ତସଖା ସମ୍ମାନ', ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ 'ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ସମ୍ମାନ',ପ୍ରଖ୍ୟାତ ବାଣୀକଣ୍ଠ ଦୁଃଖିଶ୍ୟାମ ତ୍ରିପାଠୀଙ୍କୁ 'ଉତ୍କଳ ସଂଗୀତ ରତ୍ନ ସମ୍ମାନ', ଲବ୍ଧ ପ୍ରତିଷ୍ଠିତ ଶିଶୁସାହିତ୍ୟିକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କୁ 'ଉତ୍କଳ ଶିଶୁରତ୍ନ ସମ୍ମାନ', ଚୌଧୁରୀ ବରଦାପ୍ରସନ୍ନ ଦାସଙ୍କୁ 'ଉତ୍କଳ ଗଳ୍ପ ରତ୍ନ ସମ୍ମାନ', ଓଡ଼ିଶାର ପ୍ରସିଦ୍ଧ ହାସ୍ୟଅଭିନେତା ରବୀନ୍ଦ୍ର ରାଉତଙ୍କୁ 'ଉତ୍କଳ ହସଫୁଲ ସମ୍ମାନ' ଏବଂ ଓଡ଼ିଶାର ବରେଣ୍ୟା ପ୍ରବାଚିକା ନିର୍ମଳା ଫତେସିଂଙ୍କୁ 'ଉତ୍କଳ ବାଣୀରତ୍ନ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ପରିଷଦ ସ୍ଥିର କରିଛି।

# ଶ୍ରୀନୀଳମାଧବଙ୍କ ଦାମୋଦର ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ



କଣ୍ଟିଲୋ, (ନି.ପ୍ର): ଦଶହରା ପରେ ଗୁରୁବାର ଏକାଦଶୀ ମହାପ୍ରଭୁ ଶ୍ରୀନୀଳମାଧବ ଜିଉ ଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଏହି ଅବସରରେ ଶ୍ରୀନୀଳମାଧବଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ମାଇଲମ ଓ ଅବକାଶ ନୀତି ଅନୁଷ୍ଠିତ ପରେ ଠାକୁରଙ୍କ ଦାମୋଦର ବେଶ ସମ୍ପନ୍ନ ହୋଇଥିଲା ଏବଂ ମନ୍ଦିରରେ ରୋଷ ହୋମ, ସୂର୍ଯ୍ୟପୂଜା ପରେ ସକାଳ ଧୂପ ଓ ଅନ୍ୟାନ୍ୟ ପାରମ୍ପରିକ ନୀତି ସମ୍ପନ୍ନ ହୋଇଥିଲା। କାର୍ତ୍ତିକ ଶୁକ୍ଳ ପକ୍ଷ ଦଶମୀ ତଥା ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ୧ ମାସ ଧରି ମହାପ୍ରଭୁ ଏହି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ପଞ୍ଚୁକର ୫ ଦିନ ମଧ୍ୟରେ ବିଭିନ୍ନ ପ୍ରକାରର ୧୦ଟି ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ମହାପ୍ରଭୁଙ୍କର ଏହି ଦିବ୍ୟ ଦାମୋଦର ବେଶ ଦର୍ଶନ କରିବା ନିମନ୍ତେ ମନ୍ଦିରରେ ଭକ୍ତମାନେ ପ୍ରବଳ ଭିଡ଼ ଜମାଉଛନ୍ତି। ପୂଜକ ସମାଜ ସଭାପତି ନିହାର ରଞ୍ଜନ ମିଶ୍ର, ମନ୍ଦିର ସହକାରୀ ମ୍ୟାନେଜର ବାଇଧର ରାଉତ, ସମସ୍ତ ସେବାୟତମାନଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାରେ ଭକ୍ତମାନେ ଦର୍ଶନ କରିଥିଲେ।

# ପଦ୍ମାବତୀ ଗ୍ରାମରେ ମା'ଙ୍କ ମେଲାଣି

ଭାପୁର,(ନିପ୍ର): ଭାପୁର ବ୍ଲକ ସଦର ମହକୁମା ତଥା ପଦ୍ମାବତୀ,ବିଜିପୁର, ବାହାଡା, ଧାନଚାଙ୍ଗଡ଼ା,ଗୋଳାପୋଖରୀ ତଥା ବିଭିନ୍ନ ପଞ୍ଚାୟତମାନଙ୍କରେ ମାଆ ଦୁର୍ଗାଙ୍କ ପୂଜା ସହିତ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି,ପଦ୍ମାବତୀ ଗ୍ରାମରେ ଅନୁଷ୍ଠିତ ମା'ଙ୍କ ପୂଜା ଏବଂ ଭସାଣି ଉତ୍ସବ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଗ୍ରାମରେ ୧୪ ଗୋଟି ମେଢ଼ରେ ମାଆଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସୁସଜ୍ଜିତ ପୂଜାମଣ୍ଡପ ଗୁଡିକରେ ରଙ୍ଗବେରଙ୍ଗର ଆଲୋକ ମାଳା ସହିତ ତୋରଣ ଦର୍ଶକ ମାନଙ୍କୁ ଆକର୍ଷିତ କରିଥିଲା। ମେଢ଼ ଦେଖିବା ପାଇଁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମି ଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ପୋଲିସ ତରଫରୁ ସମସ୍ତ ଆୟୋଜନ କରାଯାଇଥିଲା। ପୋଲିସ ସାଦା ପୋଷାକରେ ରହି ଅସାମାଜିକ କାର୍ଯ୍ୟକଳାପ କରୁଥିବା ଯୁବକଙ୍କ ପ୍ରତି ତୀକ୍ଷ୍ଣ ରଖିଥିଲେ। ଗୁରୁବାର ଦିନ ଅପରାହ୍ନରୁ ମା'ଙ୍କ ଭସାଣି ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଗୋଟିଏ ପରେ ଗୋଟିଏ ମେଢ଼ ପାରମ୍ପରିକ ବାଦ୍ୟ ବଜେଇ ଏକାଠି ହୋଇଥିଲେ ଏବଂ ସନ୍ଧ୍ୟାରେ ଗ୍ରାମ୍ୟ କମିଟିର ସଭାପତି ଚାପଧାରୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭସାଣି ଉତ୍ସବର ପ୍ରତିଷ୍ଠାତା ଶ୍ରୀକାନ୍ତ ସାହୁ ଏବଂ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ମାନେ ଯୋଗଦେଇଥିଲେ।

ତିଥି :(ତ୍ରୟୋଦଶୀ): (ଉତ୍ତରଭାଦ୍ର ମୀନ)
ଅମୃତ ବେଳା: ଦିବା ଘ ୬।୩୬ ମଧ୍ୟେ ଘ୭।୨୪ ଗତେ

## ଆଜିର ଅନୁଚିନ୍ତନ

ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି।। - ଶ୍ରୀମଦ୍ ଭଗବଦ୍ ଗୀତା

# ଜନଅସନ୍ତୋଷର ରୂପ

ଫ୍ରାନ୍ସରେ ମୁଖ୍ୟତଃ ୪ଟି ଦାବି ନେଇ ବିକ୍ଷୋଭକାରୀମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ସରକାରଙ୍କ ବିରୋଧରେ ତେଜିଉଠିବା ଲକ୍ଷ୍ୟ କରାଯାଇଛି। ବିକ୍ଷୋଭକାରୀଙ୍କ ସଂଖ୍ୟା ପ୍ରାୟ ୮ଲକ୍ଷ ହେବ ବୋଲି କୁହାଯାଇଛି। ଯେଉଁ ୪ଟି ପ୍ରମୁଖ ଦାବି ସେମାନଙ୍କର ରହିଛି ସେଗୁଡ଼ିକ ହେଲା, ଦରଦାମ ବୃଦ୍ଧି କେବଳ ନିୟନ୍ତ୍ରଣ କଲେ ହେବନାହିଁ ରୀତିମତ ହ୍ରାସ କରାଯାଉ। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଦୂର ପୂର୍ବକ ଜୀର୍ଣ୍ଣଶୀର୍ଣ୍ଣ ହୋଇପଡ଼ିଥିବା କୋଠାଗୁଡ଼ିକର ମରାମତି କରାଯାଉ। ଦରମା ବୃଦ୍ଧି କରାଯାଉ। ଯେଉଁମାନେ ଭତ୍ତା ପାଉଛନ୍ତି ବର୍ଦ୍ଧିତ ରାଶିରେ ପାଆନ୍ତୁ। ବିକ୍ଷୋଭକାରୀଙ୍କ ଏସବୁ ଦାବିରୁ ସ୍ପଷ୍ଟ ହୁଏ ଯେ ସୀମିତ ଦରମା ବା ଭତ୍ତା ଥିବାବେଳେ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବୃଦ୍ଧି ସେମାନଙ୍କ ମଧ୍ୟରେ ନାହିଁ ନ ଥିବା ଚିନ୍ତା ବଢାଇ ଦେଉଛି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରବୃଦ୍ଧି ପଛରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯେ ଦାୟୀ ଏହା ସର୍ବବିଦିତ। ଊଣାଅଧିକେ ବିଶ୍ୱରେ ସବୁ ରାଷ୍ଟ୍ର ଏଥିରେ ପ୍ରଭାବିତ ହୋଇସାରିଛନ୍ତି। ଯୁଦ୍ଧର ଘନଘଟା ସବୁଠୁ ବଡ଼ ସଂକଟ ଯାହା ସୃଷ୍ଟି କରିଛି ତାହା ହେଲା ତୈଳ ଅଭାବ। ଦିନକୁ ଦିନ ଅଶୋଧିତ ତୈଳ ଦର ବୃଦ୍ଧିର ଭାରା ଲୋକଙ୍କ ଉପରେ ହିଁ ପଡୁଛି।

ଏପରି ସଂକଟ କାଳରେ ଫ୍ରାନସ ସରକାର ଆଭ୍ୟନ୍ତରୀଣ ବିଭିନ୍ନ ଚାହିଦା ମେଣ୍ଟାଇବା ପାଇଁ ବ୍ୟବସ୍ଥିତ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦରକାର। ଏହା କେହି କାହାକୁ ଶିଖାଇବା ଆବଶ୍ୟକ ନାହିଁ। ମାତ୍ର ଦୂରଦର୍ଶିତା ଅଭାବରୁ ଏହି ଦିଗ ଅଣଦେଖା ହେବାରୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଚାପରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଦାବିଗୁଡ଼ିକ ମଧ୍ୟରୁ ଏକ ଦିଗ ଶିକ୍ଷକ ଅଭାବ। ଏପରି ସମସ୍ୟା ନେଇ କ୍ୱଚିତ୍ ଦେଶରେ ବିକ୍ଷୋଭକାରୀମାନେ ରାସ୍ତାକୁ ଓହ୍ଲାଇଥାଆନ୍ତି। ତେବେ ଯେଉଁ ରାଷ୍ଟ୍ରର ନାଗରିକମାନେ ସଚେତନ ସେମାନେ ଜାଣନ୍ତି ଶିକ୍ଷାର ମୂଲ୍ୟ କ'ଣ ? ଯେକୌଣସି ରାଷ୍ଟ୍ରର ସ୍ୱାସ୍ଥ୍ୟ ତାହାର ଶିକ୍ଷା ବ୍ୟବସ୍ଥା ଉପରେ ସତତ ନିର୍ଭରଶୀଳ। ବିଶେଷ କରି ଯେଉଁ ଦେଶ ପ୍ରାଥମିକ ଶିକ୍ଷାସ୍ତରରେ ସୁଦୃଢ ତାହାଦ୍ୱାରା ସୁନାଗରିକ ଗଠନରେ ସହାୟତା ମିଳିଥାଏ। ମାତ୍ର ଫ୍ରାନ୍ସ ସରକାର କାହିଁକି ଶିକ୍ଷକ ଅଭାବ ଭଳି ମୌଳିକ ସମସ୍ୟା ପ୍ରତି ଉଚିତ ଦୃଷ୍ଟି ଦେଇନାହାନ୍ତି ତାହା ବିସ୍ମୟକର।

ଯାହା ମନେ ହୁଏ ସରକାରରେ ଥିବା ନ୍ୟସ୍ତସ୍ୱାର୍ଥ ନେତା ସାଙ୍ଗକୁ କିଛି ପ୍ରଶାସନିକ ଅଧିକାରୀଙ୍କ ଦୌରାତ୍ମ୍ୟ କାରଣରୁ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଚୁପ୍ ରହିବାକୁ ବାଧ୍ୟ ହୋଇଛନ୍ତି। ଅର୍ଥାତ୍, ସେମାନେ ଲୋକଙ୍କ ସମସ୍ୟାଗୁଡ଼ିକ କ'ଣ ତାହାକୁ ପ୍ରାଧାନ୍ୟ ଦେବା ଦୂରେ ଥାଉ ଆଡ଼ ଆଖିରେ ସୁଦ୍ଧା ଚାହିଁନାହାନ୍ତି। ଏପରି ସମୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଫ୍ରାନ୍ସର ହିଂସାତ୍ମକ ଆନ୍ଦୋଳନକୁ ଛିଗୁଲାଇବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି। ଉପହାସ କରି ସେ କହିଛନ୍ତି, ଚାଲ ଫ୍ରାନ୍ସ ଯିବା, ଏହା ଏକ ସୁନ୍ଦର ସ୍ଥାନ। ଏପରି ବ୍ୟଙ୍ଗ କରିବା ପଛରେ ବିଶ୍ୱସ୍ତରରେ ତୈଳ ବୃଦ୍ଧି ଲାଗି ନିଜେ କିପରି ପ୍ରମୁଖ ଭାବରେ ଦାୟୀ ତାହାକୁ ଆପାତତଃ ସେ ଭୁଲି ଯାଇଛନ୍ତି। ଫ୍ରାନ୍ସରେ ବିକ୍ଷୋଭ ପ୍ରାୟ ଏକ ମାସରୁ ଅଧିକ ହେଲାଣି। ତାହାକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏଯାବତ୍ ସମର୍ଥ ହୋଇନପାରିବା ସରକାରୀ ଦୁର୍ବଳତାକୁ ଯେ ସୂଚାଉଛି ଏହା ନିଃସନ୍ଦେହ। ବିକ୍ଷୋଭର ଗତି ଏପରି ହୋଇଛି ଯେ କିଛି ସମାଜ ବିରୋଧୀ ଲୁଟ୍‌ପାଟ୍, ପୋଡ଼ାଜଳା କରିବାକୁ ପଛାଇନାହାନ୍ତି। ଜନଅସନ୍ତୋଷ ପୁଞ୍ଜୀଭୂତ ହେବା ଅସ୍ୱାଭାବିକ ନୁହେଁ, କିନ୍ତୁ ହିଂସାତ୍ମକ ଉପାୟ ଅପେକ୍ଷା ଅହିଂସ ଭାବରେ ସରକାରଙ୍କ ସାମ୍ନା କଲେ, ସମସ୍ୟା ସମାଧାନ ଅଧିକ ସୁଗମ ହୋଇପାରିବ ବୋଲି ଆଶା କରାଯାଏ।

# ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା

## ସୌଭାଗ୍ୟ ମହାନ୍ତି

**ସାମାଜିକ ଗଣମାଧ୍ୟମରେ ବିନା ପ୍ରମାଣରେ ମନଗଢ଼ା ସମ୍ବାଦ, ପୁରୁଣା ଭିଡିଓ ଏବଂ ଗୁଜବ ପ୍ରସାରଣ କରିବା ଏକ ବଡ଼ ଦଣ୍ଡନୀୟ ଅପରାଧ ଏବଂ ଏହା ଦ୍ୱାରା ନିରୀହ ଜନସାଧାରଣଙ୍କ ମଧ୍ୟରେ ଅଯଥା ଆତଙ୍କ, ବିଭ୍ରାନ୍ତି ଓ ମାନସିକ ଅସ୍ଥିରତା ସୃଷ୍ଟି ହୋଇଥାଏ, ଯାହା ଜରୁରୀ ପରିସ୍ଥିତିରେ ପ୍ରଶାସନିକ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ବଡ଼ ଧରଣର ବାଧା ସୃଷ୍ଟି କରିଥାଏ। ଦ୍ୱିତୀୟରେ, ବଜାରରୁ ଆବଶ୍ୟକ ଜରୁରୀ ସାମଗ୍ରୀ ଯଥା: ଶୁଖିଲା ଆହାର, ପାନୀୟ ଜଳ, ଆବଶ୍ୟକ ନିତ୍ୟବ୍ୟବହାର୍ଯ୍ୟ ଔଷଧ, ବ୍ୟାଟେରୀ ଲାଇଟ, ମୋବାଇଲ ଚାର୍ଜର, ପାୱାର ବ୍ୟାଙ୍କ, କାଗଜପତ୍ର, ଟଙ୍କା ପଇସା ଏବଂ ଦାମୀ ଜିନିଷଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ବ୍ୟକ୍ତିଗତ ଓ ପରିବାର ସ୍ତରରେ ଯୋଜନା ପ୍ରସ୍ତୁତ କରିବା ଉଚିତ।**

ଆଶଙ୍କାର ବାଦଲ, ସତର୍କତାର ଆବଶ୍ୟକତା, ପ୍ରଶାସନିକ ସଜାଗତା ଓ ଆମର ସାମୂହିକ ଦାୟିତ୍ୱ: ସମ୍ପ୍ରତି ବଙ୍ଗୋପସାଗରର ଗଭୀର ଜଳରାଶି ମଧ୍ୟରେ ସୃଷ୍ଟି ହେଉଥିବା ପାଣିପାଗର ଆବର୍ତ୍ତ ଏବଂ ସମ୍ଭାବ୍ୟ ସାମୁଦ୍ରିକ ଘୂର୍ଣ୍ଣିଝଡ଼ର ଆଶଙ୍କାକୁ ନେଇ ସମଗ୍ର ଓଡ଼ିଶାବ୍ୟାପୀ ଏକ ଅଦୃଶ୍ୟ ଭୟ, ଗହନ ଚିନ୍ତା ଏବଂ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି, ଯଦିଓ ଭାରତୀୟ ପାଣିପାଗ ବିଭାଗ କିମ୍ବା ଅନ୍ୟ କୌଣସି ଅଧିକାରିକ ସରକାରୀ ସଂସ୍ଥା ପକ୍ଷରୁ ଏ ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଭାବେ ଏକ ପ୍ରଳୟଙ୍କରୀ ବାତ୍ୟାର ରୂପ ନେବ କି ନାହିଁ, ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ କିମ୍ବା ଚୂଡ଼ାନ୍ତ ଚିତ୍ର ପ୍ରଦାନ କରାଯାଇନାହିଁ। ବିଶେଷ କରି ଅକ୍ଟୋବର ଓ ନଭେମ୍ବର ମାସ ଓଡ଼ିଶାର ଦୀର୍ଘ ସାମୁଦ୍ରିକ ଉପକୂଳ ଭାଗ ପାଇଁ ସର୍ବଦା ଅତ୍ୟନ୍ତ ସମ୍ବେଦନଶୀଳ, ବିପଜ୍ଜନକ ଓ ସଙ୍କଟଜନକ ରହିଆସିଛି, କାରଣ ଏହି ନିର୍ଦ୍ଦିଷ୍ଟ ସମୟରେ ବଙ୍ଗୋପସାଗରର ଉଷ୍ମ ଜଳରାଶି, ସୂର୍ଯ୍ୟଙ୍କ ବିକିରଣ ଏବଂ ଆଞ୍ଚଳିକ ବାୟୁମଣ୍ଡଳର ଆର୍ଦ୍ରତା ଜନିତ କାରଣରୁ କ୍ଷୁଦ୍ର ଲଘୁଚାପ ଓ ଅବପାତଗୁଡ଼ିକ ଅତି ଦ୍ରୁତ ଗତିରେ ଶକ୍ତିଶାଳୀ ଘୂର୍ଣ୍ଣିବଳୟରେ ପରିଣତ ହୋଇଥାନ୍ତି।

ପାଣିପାଗ ବିଜ୍ଞାନୀମାନେ ଅତ୍ୟାଧୁନିକ ଉପଗ୍ରହ ଏବଂ ରାଡାର ବ୍ୟବସ୍ଥା ସାହାଯ୍ୟରେ ନିରନ୍ତର ଭାବେ ସମୁଦ୍ରର ଗତିବିଧି, ବାୟୁମଣ୍ଡଳର ଚାପ, ସମୁଦ୍ର ପୃଷ୍ଠର ତାପମାତ୍ରା ଏବଂ ବାୟୁର ଦିଗ ଉପରେ କଠୋର ଓ ସୂକ୍ଷ୍ମ ନଜର ରଖିଛନ୍ତି, ତେଣୁ ନିଶ୍ଚିତ ସୂଚନା ନ ପାଇବା ପର୍ଯ୍ୟନ୍ତ କେବଳ ଗୁଜବ ଓ କଳ୍ପନାଜଳ୍ପନା ଆଧାରରେ ଆତଙ୍କିତ ହେବା ଆଦୌ ଗ୍ରହଣୀୟ ଓ ସମୀଚୀନ ନୁହେଁ। ଓଡ଼ିଶା ହେଉଛି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ, ଆଦର୍ଶ ଓ ପ୍ରଶଂସନୀୟ ରାଜ୍ୟ, ଯାହା ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ବିଭିନ୍ନ ବିପଜ୍ଜନକ ଓ ସଂହାରକାରୀ ସାମୁଦ୍ରିକ ଝଡ଼କୁ ଅତ୍ୟନ୍ତ ସଫଳତାର ସହ ମୁକାବିଲା କରି ଜୀବନହାନିକୁ ନଗଣ୍ୟ କରିପାରିଛି। ୧୯୯୯ ମସିହାର ମହାବାତ୍ୟା ଓଡ଼ିଶାକୁ ଯେଉଁ ଅଶ୍ରୁଳ ଓ ଦାରୁଣ ଆଘାତ ଦେଇଥିଲା, ସେହି ଶୋକକୁ ଓଡ଼ିଶାବାସୀ ନିଜର ସଙ୍କଳ୍ପରେ ପରିଣତ କରିଥିଲେ। ସେହି ମହାବିପତ୍ତି ପରେ ରାଜ୍ୟରେ ଯେଉଁ ଶକ୍ତିଶାଳୀ ବିପର୍ଯ୍ୟୟ ମୁକାବିଲା ଭିତ୍ତିଭୂମି ଗଢ଼ିଉଠିଲା, ତାହା ଆଜି ସମଗ୍ର ପୃଥିବୀ ପାଇଁ ଏକ ଅନୁକରଣୀୟ ଦୃଷ୍ଟାନ୍ତ। ଆମର ପ୍ରଶାସନିକ ବ୍ୟବସ୍ଥା, ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ, ଦୁର୍ଯୋଗ ମୁକାବିଲା ବାହିନୀ, ଅଗ୍ନିଶମ ସେବା, ଗୃହରକ୍ଷୀ, ପୋଲିସ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଯେକୌଣସି ଜରୁରୀ ପରିସ୍ଥିତିର ସାମ୍ନା କରିବା ପାଇଁ ସର୍ବଦା ସଜାଗ, ତତ୍ପର ଓ ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଥାନ୍ତି। ଉପକୂଳବର୍ତ୍ତୀ ପ୍ରତ୍ୟେକ ଅଞ୍ଚଳରେ ନିର୍ମିତ ହୋଇଥିବା ବହୁତଳ ବାତ୍ୟା ଆଶ୍ରୟସ୍ଥଳୀ, ପକ୍କା ସରକାରୀ ଗୃହ, ଉନ୍ନତ ଆଗୁଆ ସୂଚନା ପ୍ରଣାଳୀ, ଉପଗ୍ରହ ଜରିଆରେ ସମ୍ପର୍କ ସ୍ଥାପନ ବ୍ୟବସ୍ଥା ଏବଂ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ ଯୋଗାଯୋଗ ବ୍ୟବସ୍ଥା ଆମକୁ ଅତୀତ ଅପେକ୍ଷା ଯଥେଷ୍ଟ ଅଧିକ ସୁରକ୍ଷିତ, ବଳିଷ୍ଠ ଓ ଆତ୍ମବିଶ୍ୱାସୀ କରିଛି। ତଥାପି, ଅସଲ ବାସ୍ତବତା ହେଉଛି ପ୍ରକୃତିର ନିୟମ ଅନିଶ୍ଚିତତାପୂର୍ଣ୍ଣ ଏବଂ ପ୍ରକୃତିର ପ୍ରଚଣ୍ଡ କୋପ ଆଗରେ ମଣିଷର ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟା ସତ୍ତ୍ୱେ କିଛି ମାତ୍ରାରେ ସଜାଗତା ଓ ନିୟନ୍ତ୍ରଣ ବାହାରେ ରହିଯାଏ, ତେଣୁ ନିଶ୍ଚିନ୍ତ ହୋଇ ବସିଯିବା ବଦଳରେ ପୂର୍ବପ୍ରସ୍ତୁତି କରିବା ହେଉଛି ସବୁଠାରୁ ଚତୁରତା, ଜ୍ଞାନୀପଣ ଏବଂ ବୁଦ୍ଧିମତ୍ତାର କାର୍ଯ୍ୟ। ଏହି ନାଜୁକ ସମୟରେ ସାଧାରଣ ନାଗରିକଙ୍କ ସାମାଜିକ ଓ ନୈତିକ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ସବୁଠାରୁ ପ୍ରଥମ ଓ ମୁଖ୍ୟ କାର୍ଯ୍ୟ ହେଉଛି ଅଯଥା ଭୟଭୀତ ନ ହୋଇ ସରକାରୀ ବାର୍ତ୍ତା, ବେତାର, ଦୂରଦର୍ଶନ, ଏବଂ ଆଧିକାରିକ ପାଣିପାଗ ସୂଚନାକୁ ନିୟମିତ ଓ ନିର୍ଭୁଲ ଭାବେ ଅନୁସରଣ କରିବା। ସାମାଜିକ ଗଣମାଧ୍ୟମରେ ବିନା ପ୍ରମାଣରେ ମନଗଢ଼ା ସମ୍ବାଦ, ପୁରୁଣା ଭିଡିଓ ଏବଂ ଗୁଜବ ପ୍ରସାରଣ କରିବା ଏକ ବଡ଼ ଦଣ୍ଡନୀୟ ଅପରାଧ ଏବଂ ଏହା ଦ୍ୱାରା ନିରୀହ ଜନସାଧାରଣଙ୍କ ମଧ୍ୟରେ ଅଯଥା ଆତଙ୍କ, ବିଭ୍ରାନ୍ତି ଓ ମାନସିକ ଅସ୍ଥିରତା ସୃଷ୍ଟି ହୋଇଥାଏ, ଯାହା ଜରୁରୀ ପରିସ୍ଥିତିରେ ପ୍ରଶାସନିକ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ବଡ଼ ଧରଣର ବାଧା ସୃଷ୍ଟି କରିଥାଏ। ଦ୍ୱିତୀୟରେ, ବଜାରରୁ ଆବଶ୍ୟକ ଜରୁରୀ ସାମଗ୍ରୀ ଯଥା ଶୁଖିଲା ଆହାର, ପାନୀୟ ଜଳ, ଆବଶ୍ୟକ ନିତ୍ୟବ୍ୟବହାର୍ଯ୍ୟ ଔଷଧ, ବ୍ୟାଟେରୀ ଲାଇଟ, ମୋବାଇଲ ଚାର୍ଜର, ପାୱାର ବ୍ୟାଙ୍କ, କାଗଜପତ୍ର, ଟଙ୍କା ପଇସା ଏବଂ ଦାମୀ ଜିନିଷଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ବ୍ୟକ୍ତିଗତ ଓ ପରିବାର ସ୍ତରରେ ଯୋଜନା ପ୍ରସ୍ତୁତ କରିବା ଉଚିତ। ଆତଙ୍କିତ ହୋଇ ବଜାରରୁ କୃତ୍ରିମ ଅଭାବ ସୃଷ୍ଟି କରିବା କିମ୍ବା ଜିନିଷପତ୍ର ଅତ୍ୟାଧିକ ପରିମାଣରେ ମଜୁଦ କରିବା ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ସମସ୍ତଙ୍କ ପାଇଁ ଶ୍ରେୟସ୍କର। ଚାଷୀକୁଳ ଏବଂ ମତ୍ସ୍ୟଜୀବୀ ଭାଇମାନଙ୍କ ପାଇଁ ଏହି ସମୟ ବିଶେଷ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଧାନ ଚାଷ ଓ ଅମଳର ସମୟ ହୋଇଥିବାରୁ ଚାଷୀମାନେ ନିଜର ରକ୍ତଭିଜା ପରିଶ୍ରମର ଫସଲକୁ ସୁରକ୍ଷିତ ରଖିବା ପାଇଁ ପାଣିପାଗ ବିଭାଗର ପରାମର୍ଶ କ୍ରମେ ଆଗୁଆ ପଦକ୍ଷେପ ନେବା ଜରୁରୀ।

ସେହିପରି ମତ୍ସ୍ୟଜୀବୀମାନେ ଆଗାମୀ ସୂଚନା ନ ମିଳିବା ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ଏବଂ ଗଭୀର ସମୁଦ୍ରରେ ଥିବା ଡଙ୍ଗାଗୁଡ଼ିକୁ ସୁରକ୍ଷିତ ଭାବେ ଉପକୂଳ ଓ ନିରାପଦ ସ୍ଥାନକୁ ଫେରାଇ ଆଣିବା ନିହାତି ଆବଶ୍ୟକ। ସରକାର, ପୋଲିସ ଓ ପ୍ରଶାସନ ସବୁବେଳେ ଜନସାଧାରଣଙ୍କ ଜୀବନ, ଧନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ନାଗରିକମାନଙ୍କ ସଚେତନ ସହଯୋଗ, ଶୃଙ୍ଖଳା ଏବଂ ଆତ୍ମସଂଯମ ବିନା କୌଣସି ସରକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରିବ ନାହିଁ।

ଆମକୁ ସର୍ବଦା ସ୍ମରଣ ରଖିବାକୁ ହେବ ଯେ ପ୍ରକୃତିର ଆକସ୍ମିକ ଦୁର୍ଯୋଗକୁ ସମ୍ପୂର୍ଣ୍ଣ ରୋକିବା ମଣିଷ ପକ୍ଷେ ଅସମ୍ଭବ, କିନ୍ତୁ ଆମର ସାହସ, ଏକତା, ଶୃଙ୍ଖଳା, ପୂର୍ବପ୍ରସ୍ତୁତି, ପ୍ରଶାସନିକ ସହଯୋଗ ଏବଂ ଗୋଷ୍ଠୀଗତ ସଚେତନତା ବଳରେ ଆମେ ଏହାର କ୍ଷୟକ୍ଷତିକୁ ବହୁ ପରିମାଣରେ ହ୍ରାସ କରିପାରିବା।

ଓଡ଼ିଶାର ଇତିହାସକୁ ଦେଖିଲେ ଜଣାପଡ଼େ ଯେ ସମୁଦ୍ରକୂଳିଆ ଅଞ୍ଚଳଗୁଡ଼ିକରେ ବାରମ୍ବାର ସୃଷ୍ଟି ହେଉଥିବା ପ୍ରକୃତିର ଏହି ବିନାଶକାରୀ ରୂପ କେବଳ ଧନଜୀବନ ହାନି କରେନାହିଁ, ମାନସିକ ଓ ସାମାଜିକ ସ୍ଥିରତାକୁ ଦୋହଲାଇ ଦିଏ। ଅତୀତର ଅନେକ ଦୁର୍ଯୋଗ ଆମକୁ ଶିଖାଇଛି ଯେ ସଠିକ୍ ସମୟରେ ନିଆଯାଇଥିବା ପଦକ୍ଷେପ ଏବଂ ସଚେତନତା ଅନେକ ନିରୀହ ଜୀବନ ବଞ୍ଚାଇ ପାରିବ। ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାରେ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉପରେ ସୂକ୍ଷ୍ମ ନଜର ରଖାଯାଉଛି। ସମୁଦ୍ରକୂଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ରଖାଯାଇଛି, ଯେଉଁଥିରେ ପାନୀୟ ଜଳ, ଆଲୋକ, ରନ୍ଧା ଖାଦ୍ୟ ଏବଂ ଚିକିତ୍ସା ସେବାର ସମୁଚିତ ବ୍ୟବସ୍ଥା କରାଯାଉଛି।

ବିଶେଷ କରି ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପ୍ରଥମ ପସନ୍ଦ ଭାବେ ସୁରକ୍ଷିତ ଆଶ୍ରୟସ୍ଥଳକୁ ନେବା ପାଇଁ ସ୍ଥାନୀୟ ପ୍ରଶାସନ ଓ ସ୍ୱେଚ୍ଛାସେବୀମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଏହି ସମୟରେ ବିଜୁଳି ସରବରାହ, ଟେଲିଫୋନ୍ ଯୋଗାଯୋଗ ଏବଂ ରାସ୍ତାଘାଟ ପରିଷ୍କାର ରଖିବା ପାଇଁ ସ୍ୱେଚ୍ଛାସେବୀ ଓ ଦୁର୍ଯୋଗ ମୁକାବିଲା ବାହିନୀର ଜବାନମାନେ ଆଗୁଆ ସଜାଗ ହୋଇ ରହିଛନ୍ତି। ଜଳବନ୍ଦୀ ଅଞ୍ଚଳଗୁଡ଼ିକରୁ ପାଣି ନିଷ୍କାସନ ପାଇଁ ବଡ଼ ବଡ଼ ପମ୍ପସେଟ୍ ଏବଂ ଗଛ କାଟିବା ପାଇଁ ଆଧୁନିକ କଟର ମେସିନ୍ ପ୍ରସ୍ତୁତ ରଖାଯାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରତି ଘଣ୍ଟାରେ ବାୟୁମଣ୍ଡଳର ସ୍ଥିତି ଓ ଲଘୁଚାପର ଗତିପଥ ସମ୍ପର୍କରେ ସୂଚନା ପ୍ରଦାନ କରାଯାଉଛି। ଜନସାଧାରଣ କୌଣସି ଅପପ୍ରଚାର କିମ୍ବା ମନଗଢ଼ା ଖବରକୁ ବିଶ୍ୱାସ ନକରି କେବଳ ସରକାରୀ ଆକାଶବାଣୀ, ଦୂରଦର୍ଶନ, ଏବଂ ପ୍ରମୁଖ ସମ୍ବାଦପତ୍ରର ନିର୍ଭରଯୋଗ୍ୟ ଖବର ଉପରେ ଆସ୍ଥା ରଖିବା ଆବଶ୍ୟକ।

ଅତୀତରେ ସମୁଦ୍ରକୂଳିଆ ଅଞ୍ଚଳଗୁଡ଼ିକରେ ବାତ୍ୟା ଆସିଲେ ହଜାର ହଜାର ଲୋକ ଜୀବନ ହରାଉଥିଲେ, କିନ୍ତୁ ଆଜି ଆଧୁନିକ ଉପଗ୍ରହ ପ୍ରଯୁକ୍ତିବିଦ୍ୟା ଓ ବୈଜ୍ଞାନିକ ଗବେଷଣା ଯୋଗୁଁ ଆମେ ବାତ୍ୟାର ଗତିପଥ ଓ ସ୍ଥଳଭାଗ ଛୁଇଁବାର ସମୟ ପୂର୍ବରୁ ଜାଣିପାରୁଛୁ। ଏହାଦ୍ୱାରା ଉଦ୍ଧାରକାରୀ ଦଳଗୁଡ଼ିକୁ ସଠିକ୍ ସମୟରେ ନିୟୋଜିତ କରାଯାଇ ପାରୁଛି ଏବଂ ବିପଦପୂର୍ଣ୍ଣ ସ୍ଥାନରୁ ଲୋକଙ୍କୁ ନିରାପଦରେ ସ୍ଥାନାନ୍ତରିତ କରାଯାଇ ପାରୁଛି। ଏହା ବ୍ୟତୀତ ଆମର ଦୁର୍ଯୋଗ ପ୍ରଶମନ ବାହିନୀ ଅତ୍ୟନ୍ତ ଦକ୍ଷତାର ସହ କାର୍ଯ୍ୟ କରି ବିଶ୍ୱର ବିଭିନ୍ନ ବିପର୍ଯ୍ୟୟ ପରିଚାଳନା ସଂସ୍ଥାଗୁଡ଼ିକ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି।

ଭୁବନେଶ୍ୱର

# 'ନେତା ତିଆରି କାରଖାନା'

## କିଶୋର ଚନ୍ଦ୍ର ବେହେରା

ମାତାପିତା ତଥା ଅଭିଭାବକମାନେ ମୁଣ୍ଡଝାଳ ତୁଣ୍ଡରେ ମାରି ନିଜ ପେଟରୁ କାଟି ପିଲାମାନଙ୍କୁ ଯୋଗ୍ୟ ମଣିଷ କରିବା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ପଠାଇଥାନ୍ତି। ସେଠାରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନେ ପିଲାମାନଙ୍କୁ ପାଠ୍ୟପୁସ୍ତକ ବିଷୟରେ ଚର୍ଚ୍ଚା କରିବା ଠାରୁ ଆରମ୍ଭ କରି ସମାଜସେବା ତଥା ଦେଶ ଶାସନ ପର୍ଯ୍ୟନ୍ତ ଶିକ୍ଷାଦାନ କରନ୍ତି। ଛାତ୍ରୀଛାତ୍ରମାନେ କିଭଳି ସୁନାଗରିକ ହେବେ, ସେଥିପାଇଁ ଚେଷ୍ଟା କରନ୍ତି। ତେଣୁ କୁହାଯାଏ ଶିକ୍ଷୟିତ୍ରୀଶିକ୍ଷକ ହେଉଛନ୍ତି ଛାତ୍ରୀଛାତ୍ରଙ୍କର ଦ୍ୱିତୀୟ ମାତାପିତା। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ବିଦ୍ୟାର୍ଥୀଙ୍କ ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ସର୍ବଦା ପ୍ରଚେଷ୍ଟା ଜାରି ରଖିଥାନ୍ତି। ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ସଂପର୍କରେ ଶ୍ରେଣୀ ଗୃହରେ ପାଠପଢ଼ା ଯାଉଥିବା ବେଳେ, ସେହି ବିଦ୍ୟାର୍ଥୀମାନେ ଅନେକ ରାଜନୈତିକ ରାଜନେତାଙ୍କ ଦର୍ଶନତତ୍ତ୍ୱ ଓ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଗଣତାନ୍ତ୍ରିକ ପଦ୍ଧତିରେ ନିଜକୁ ସାମିଲ କରିବା ପାଇଁ ପ୍ରଚେଷ୍ଟା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ସରକାରୀ ବିଶ୍ୱବିଦ୍ୟାଳୟକୁ 'ନେତା ତିଆରି କାରଖାନା' ରୂପେ ବିବେଚନା କରାଯାଏ।

ଭାରତ ବର୍ଷର ଖ୍ୟାତନାମା ଜନପ୍ରିୟ ରାଜନେତାଙ୍କ ରାଜନୈତିକ ଚିନ୍ତାଧାରା ଆରମ୍ଭ ହୁଏ ପ୍ରତିଷ୍ଠିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାନୁଷ୍ଠାନରୁ । 'ନେତା ତିଆରି କାରଖାନା' ବାସ୍ତବରେ କୌଣସି ଯାନ୍ତ୍ରିକ କାରଖାନା ନୁହେଁ, ବରଂ ଏହା ଏକ ରାଜନୈତିକ ଏବଂ ସାମାଜିକ ରୂପକ । ସାଧାରଣତଃ ଯେଉଁ ଅନୁଷ୍ଠାନ, ସଂଗଠନ କିମ୍ବା ପରିବେଶରୁ ଦକ୍ଷ, ପ୍ରଭାବଶାଳୀ ଏବଂ ଜନହିତକର ନେତୃତ୍ୱ ଗଢ଼ିଉଠନ୍ତି, ତାହାକୁ 'ନେତା ତିଆରି କାରଖାନା' ବୋଲି କୁହାଯାଏ। ଛାତ୍ର ଜୀବନରୁ ଆରମ୍ଭ ହୋଇଥାଏ ନେତୃତ୍ୱ ନେବାର ଜିଜ୍ଞାସା। ରାଷ୍ଟ୍ର ଗଠନ ଏବଂ ସମାଜର ବିକାଶରେ ଛାତ୍ରନେତାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ। ଛାତ୍ରନେତାଙ୍କ ମୁଖ୍ୟ ଭୂମିକାଗୁଡ଼ିକ ମଧ୍ୟରେ ଯୁବପିଢ଼ିକୁ ଏକାଠି କରି ସାମାଜିକ ଓ ରାଜନୈତିକ ସଚେତନତା ସୃଷ୍ଟି କରନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରନ୍ତି । ବିପର୍ଯ୍ୟୟ ସମୟରେ ରିଲିଫ୍ ବଣ୍ଟନ, ରକ୍ତଦାନ ଶିବିର ଏବଂ ସଚେତନତା ଅଭିଯାନ ପରି କାର୍ଯ୍ୟରେ ନେତୃତ୍ୱ ନିଅନ୍ତି। ଛାତ୍ର ସଂଗଠନ ମାଧ୍ୟମରେ ସେମାନେ ଭବିଷ୍ୟତର ଦକ୍ଷ ରାଜନୈତିକ ଓ ସାମାଜିକ ନେତା ଭାବେ ଗଢ଼ି ହୋଇଥାଆନ୍ତି। ଦୀର୍ଘ ଆଠବର୍ଷ ପରେ ଓଡ଼ିଶାର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦ ନିର୍ବାଚନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

ଭାରତୀୟ ରାଜନୀତିରେ ଏମିତି ଅନେକ ପ୍ରଭାବଶାଳୀ ନେତା ଅଛନ୍ତି, ଯେଉଁମାନେ ନିଜର ରାଜନୈତିକ ଜୀବନ ଛାତ୍ର ପ୍ରତିନିଧି ବା ଛାତ୍ରନେତା ଭାବେ ଆରମ୍ଭ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଜାତୀୟ ତଥା ଆଞ୍ଚଳିକ ସ୍ତରରେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ଭାରତର କିଛି ପ୍ରମୁଖ ଏବଂ ଜନପ୍ରିୟ ପ୍ରାକ୍ତନ ଓ ବର୍ତ୍ତମାନର ଛାତ୍ରନେତାମାନଙ୍କ ମଧ୍ୟରେ ଜାତୀୟ ସ୍ତରରେ ଚର୍ଚ୍ଚିତ ସାମ୍ପ୍ରତିକ ଛାତ୍ରନେତ କହ୍ନେୟା କୁମାର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବେ ସେ ସାରା ଦେଶରେ ପରିଚିତ ହୋଇଥିଲେ। ନିଜର ଓଜସ୍ୱିନୀ ଭାଷଣ ଶୈଳୀ ପାଇଁ ସେ ବେଶ୍ ଜନପ୍ରିୟ ଏବଂ ବର୍ତ୍ତମାନ କଂଗ୍ରେସର ଜଣେ ପ୍ରମୁଖ ଯୁବ ନେତା। ସେହିଭଳି ଉମର ଖାଲିଦ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରରୁ ନିଜର ଛାତ୍ର ଆନ୍ଦୋଳନ ଆରମ୍ଭ କରିଥିବା ଉମର, ବିଭିନ୍ନ ସାମାଜିକ ଓ ରାଜନୈତିକ ପ୍ରସଙ୍ଗରେ ନିଜର ସ୍ୱର ଉତ୍ତୋଳନ କରି ଚର୍ଚ୍ଚାକୁ ଆସିଥିଲେ। ଶେହଲା ରଶିଦ ମଧ୍ୟ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦର ପୂର୍ବତନ ଉପସଭାପତି ଭାବେ କାଶ୍ମୀର ତଥା ଦେଶର ବିଭିନ୍ନ ଛାତ୍ର ସମସ୍ୟାକୁ ନେଇ ସେ ସକ୍ରିୟ ଥିଲେ। ପ୍ରାକ୍ତନ ଛାତ୍ରନେତାଙ୍କ ମଧ୍ୟରେ ଅରୁଣ ଜେଟଲୀ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଭାବେ ସେ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଭାରତର ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଲାଲୁ ପ୍ରସାଦ ଯାଦବ ପାଟନା ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦର ସଭାପତି ଥିଲେ। ୧୯୭୪ ମସିହାରେ ଜେ.ପି. (ଜୟପ୍ରକାଶ ନାରାୟଣ) ଆନ୍ଦୋଳନର ସେ ଜଣେ ପ୍ରମୁଖ ଛାତ୍ରନେତା ଥିଲେ । ପରେ ବିହାରର ମୁଖ୍ୟମନ୍ତ୍ରୀ ଓ ଦେଶର ରେଳମନ୍ତ୍ରୀ ହୋଇଥିଲେ। ନୀତୀଶ କୁମାର ବିହାରର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମଧ୍ୟ ପାଟନା ବିଶ୍ୱବିଦ୍ୟାଳୟରୁ ଜେ.ପି. ଆନ୍ଦୋଳନ ସମୟରେ ଜଣେ ସକ୍ରିୟ ଛାତ୍ରନେତା ଭାବେ ଉଭା ହୋଇଥିଲେ। ମମତା ବାନାର୍ଜୀ କଲିକତା ବିଶ୍ୱବିଦ୍ୟାଳୟରୁ କଂଗ୍ରେସର ଛାତ୍ର ସଂଗଠନ (ଛାତ୍ର ପରିଷଦ) ଜରିଆରେ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ପଶ୍ଚିମବଙ୍ଗର ତିନିଥର ମୁଖ୍ୟମନ୍ତ୍ରୀ ସଫଳତାର ସହ କାର୍ଯ୍ୟଭାର ତୁଲାଇଥିଲେ।

ନନ୍ଦପୁର, ଜିଲ୍ଲା: କୋରାପୁଟ, ମୋ- ୯୪୩୭୯୫୫୫୬୮

# ରାମାୟଣ - ମାନବ ସଭ୍ୟତା ପାଇଁ ନୀତିମୟ ଦିଗ୍‌ଦର୍ଶନ

## ଡ. ଅମୂଲ୍ୟ କୁମାର ପଣ୍ଡା

**ରାମାୟଣ କେବଳ ଗୋଟିଏ ପୁରାଣ କାହାଣୀ ନୁହେଁ, ଏହା ମାନବ ଜୀବନ ପାଇଁ ଗୋଟିଏ ନୀତିମୟ ପଥପ୍ରଦର୍ଶକ । ଏହି ମହାକାବ୍ୟ ଆମକୁ ଧର୍ମ, ସତ୍ୟ, ଭକ୍ତି, ପରିବାର ପ୍ରେମ ଓ ନ୍ୟାୟର ମୂଲ୍ୟ ବୁଝାଇଥାଏ । ରାମଙ୍କ ଆଦର୍ଶ ଜୀବନ, ସୀତାଙ୍କ ସହନଶୀଳତା, ଲକ୍ଷ୍ମଣଙ୍କ ଭାଇପ୍ରେମ, ଭରତଙ୍କ ନିଷ୍ଠା ଓ ହନୁମାନଙ୍କ ଭକ୍ତି ସମସ୍ତ ଚରିତ୍ର ଆମ ପାଇଁ ଆଦର୍ଶ ଉଦାହରଣ । ଆଜିର ସମାଜରେ ଯଦି ମଣିଷ ରାମାୟଣର ଶିକ୍ଷାକୁ ଅନୁସରଣ କରିବେ, ତେବେ ସମାଜରେ ଶାନ୍ତି, ନ୍ୟାୟ ଓ ସୁଖ ସ୍ଥାପିତ ହେବ ।**

ଭାରତୀୟ ସାହିତ୍ୟରେ ରାମାୟଣ ଏକ ଅତ୍ୟନ୍ତ ପବିତ୍ର ଓ ପ୍ରସିଦ୍ଧ ମହାକାବ୍ୟ। ଏହି କାବ୍ୟର ମୂଳ ରଚନା କରିଥିଲେ ଋଷି ବାଲ୍ମିକୀ , ଯାହାକୁ "ଆଦିକାବ୍ୟ" ବୋଲି କୁହାଯାଏ। ପରେ ମଧ୍ୟଯୁଗରେ କବି ତୁଳସୀ ଦାସ ରାମାୟଣକୁ ଆଧାର କରି ଅବଧୀ ଭାଷାରେ "ରାମଚରିତମାନସ" ରଚନା କଲେ। ଏହି ଦୁଇ ରାମାୟଣର କାହାଣୀ ଏକ ହେଲେ ମଧ୍ୟ ତାହାର ଶୈଳୀ, ଭାଷା, ଉଦ୍ଦେଶ୍ୟ ଓ ବର୍ଣ୍ଣନାରେ ଅନେକ ପ୍ରାର୍ଥକ୍ୟ ଦେଖାଯାଏ। ବାଲ୍ମୀକି ରାମାୟଣ ପ୍ରାଚୀନ କାଳରେ ରଚିତ ହୋଇଥିଲା। ଅନୁମାନ କରାଯାଏ ଯେ ଏହା ଖ୍ରୀଷ୍ଟପୂର୍ବ କାଳରେ ଲେଖାଯାଇଥିଲା। ଏହା ରାମଙ୍କ ଜୀବନ ଉପରେ ଆଧାରିତ ପ୍ରଥମ ମହାକାବ୍ୟ। କିନ୍ତୁ ତୁଳସୀଦାସଙ୍କ ରାମଚରିତମାନସ ଷୋଡ଼ଶ ଶତାବ୍ଦୀରେ ଭକ୍ତି ଆନ୍ଦୋଳନ ସମୟରେ ରଚିତ ହୋଇଥିଲା। ତେଣୁ ଏହାର ମଧ୍ୟରେ ଭକ୍ତିଭାବ ଅଧିକ ପ୍ରକାଶ ପାଇଛି। ବାଲ୍ମୀକି ରାମାୟଣ ସଂସ୍କୃତ ଭାଷାରେ ଲେଖାଯାଇଛି। ସଂସ୍କୃତ ଏକ ଶାସ୍ତ୍ରୀୟ ଭାଷା ଥିବାରୁ ପୂର୍ବେ ସମସ୍ତେ ଏହାକୁ ସହଜରେ ବୁଝି ପାରୁନଥିଲେ। କିନ୍ତୁ ତୁଳସୀଦାସ ରାମାୟଣ ଅବଧୀ ଯାହା ହିନ୍ଦୀର ଏକ ରୂପ ଭାଷାରେ ରଚିତ। ସେଥିପାଇଁ ସାଧାରଣ ଲୋକମାନେ ଏହାକୁ ସହଜରେ ପଢି ଓ ବୁଝିପାରିଲେ। ଏହି କାରଣରୁ ରାମଚରିତମାନସ ଲୋକମାନଙ୍କ ମଧ୍ୟରେ ଅତ୍ୟଧିକ ପ୍ରଚଳିତ ହେଲା। ବାଲ୍ମୀକି ରାମାୟଣର ପ୍ରଧାନ ଉଦ୍ଦେଶ୍ୟ ହେଉଛି ରାମଙ୍କ ଜୀବନ ଓ ଆଦର୍ଶ ଚରିତ୍ରକୁ ଇତିହାସ ଭଳି ଉପସ୍ଥାପନ କରିବା। ଏଥିରେ ରାମଙ୍କୁ ଜଣେ ଆଦର୍ଶ ମନୁଷ୍ୟ ଓ ଧର୍ମପରାୟଣ ରାଜା ଭାବରେ ଦେଖାଯାଇଛି। ତୁଳସୀଦାସ ରାମାୟଣର ଉଦ୍ଦେଶ୍ୟ ହେଉଛି ଭଗବାନ ରାମଙ୍କ ପ୍ରତି ଭକ୍ତି ଓ ଧାର୍ମିକ ଭାବନାକୁ ପ୍ରଚାର କରିବା। ଏଥିରେ ରାମଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ଭାବରେ ବର୍ଣ୍ଣନା କରାଯାଇଛି। ବାଲ୍ମିକୀ ରାମାୟଣରେ ଘଟଣାଗୁଡିକୁ ବିସ୍ତାରିତ ଓ ବାସ୍ତବ ଶୈଳୀରେ ବର୍ଣ୍ଣନା କରାଯାଇଛି। ଯୁଦ୍ଧ, ରାଜନୀତି, ଓ ନୈତିକତା ବିଷୟରେ ବିସ୍ତୃତ ଚର୍ଚ୍ଚା ମିଳେ। ତୁଳସୀଦାସ ରାମାୟଣରେ କାହାଣୀ କବିତାମୟ ଓ ଭକ୍ତିମୟ ଶୈଳୀରେ ଉପସ୍ଥାପିତ। ଏଥିରେ ଭଜନ, ଦୋହା, ଚୌପାଇ ଇତ୍ୟାଦି ଛନ୍ଦ ବ୍ୟବହାର କରାଯାଇଛି। ବାଲ୍ମୀକି ରାମାୟଣରେ ରାମଙ୍କୁ ଏକ ମହାନ ମନୁଷ୍ୟ ଓ ଆଦର୍ଶ ରାଜା ଭାବରେ ଦେଖାଯାଇଛି। ସେ ମନୁଷ୍ୟ ଭଳି ଦୁଃଖ, ସଂକଟ ଓ ଭାବନାକୁ ଅନୁଭବ କରନ୍ତି। ତୁଳସୀଦାସ ରାମାୟଣରେ ରାମଙ୍କୁ ସର୍ବଶକ୍ତିମାନ ଭଗବାନ ଭାବରେ ବର୍ଣ୍ଣନା କରାଯାଇଛି। ସେ ଲୀଳା କରିବା ପାଇଁ ପୃଥିବୀରେ ଅବତରଣ କରିଥିବା ଦେବତା ଭାବରେ ପ୍ରକାଶ ପାଆନ୍ତି। ବାଲ୍ମିକୀ ରାମାୟଣ ୭ଟି କାଣ୍ଡରେ ବିଭକ୍ତ ଓ ପ୍ରାୟ ୨୪,୦୦୦ ଶ୍ଲୋକ ରହିଛି। ତୁଳସୀଦାସଙ୍କ ରାମଚରିତମାନସ ମଧ୍ୟ ୭ଟି କାଣ୍ଡରେ ବିଭକ୍ତ, କିନ୍ତୁ ଏହାର ଗଠନ ଭକ୍ତିମୟ ଓ ସାହିତ୍ୟିକ ଶୈଳୀରେ ଲେଖାଯାଇଛି। ରାମାୟଣ ମହାକାବ୍ୟରେ ଅଯୋଧ୍ୟାର ରାଜକୁମାର ରାମଙ୍କ ଜୀବନ କାହାଣୀ, ତାଙ୍କର ଧର୍ମପାଳନ, ତ୍ୟାଗ, ନ୍ୟାୟ ଓ ଆଦର୍ଶ ଚରିତ୍ରକୁ ଅତ୍ୟନ୍ତ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି। ଏହା କେବଳ ଗୋଟିଏ କାହାଣୀ ନୁହେଁ, ବରଂ ମାନବ ଜୀବନ ପାଇଁ ଗୋଟିଏ ନୀତିମୟ ଦିଗ୍‌ଦର୍ଶନ । ରାମାୟଣରେ ମାନବ ଜୀବନର ଅନେକ ମୂଲ୍ୟବୋଧ ଧର୍ମ, ସତ୍ୟ, ଭକ୍ତି, ସହନଶୀଳତା, ନିଷ୍ଠା ଓ ପରିବାର ପ୍ରେମ ଶିକ୍ଷା ଦିଆଯାଇଛି । ଏହି କାହାଣୀର ନୀତି ଓ ଶିକ୍ଷା ଆଜିର ସମାଜରେ ମଧ୍ୟ ଅତ୍ୟନ୍ତ ଉପଯୋଗୀ। ରାମାୟଣର ପ୍ରଥମ ଓ ସବୁଠୁ ବଡ଼ ନୀତି ହେଉଛି ଧର୍ମ ଓ କର୍ତ୍ତବ୍ୟ ପାଳନ । ରାମ ତାଙ୍କ ପିତା ଦଶରଥଙ୍କ ଆଜ୍ଞା ପାଳନ କରି ୧୪ ବର୍ଷର ବନବାସ ଗ୍ରହଣ କରିଥିଲେ । ସେ ରାଜ୍ୟ, ଧନ-ସମ୍ପତ୍ତି ଓ ସୁଖ-ସୁବିଧାକୁ ଛାଡ଼ି ଧର୍ମ ଓ ପିତୃବଚନକୁ ଅଧିକ ମୂଲ୍ୟ ଦେଇଥିଲେ ।

ଏଠାରୁ ଆମେ ଶିଖୁଛୁ ଯେ ଜୀବନରେ ନିଜ କର୍ତ୍ତବ୍ୟ ପାଳନ କରିବା ମଣିଷର ସର୍ବୋତ୍ତମ ଗୁଣ । କେତେ ଅସୁବିଧା ଆସୁନାହିଁ, ଯଦି ଆମେ ଧର୍ମ ଓ ସତ୍ୟର ପଥରେ ଚାଲିବା, ଶେଷରେ ଜୟ ଆମର ହୁଏ। ରାମାୟଣ ଭାଇଚାରା ଓ ପରିବାର ପ୍ରେମର ଅତ୍ୟନ୍ତ ସୁନ୍ଦର ଉଦାହରଣ । ଲକ୍ଷ୍ମଣ ତାଙ୍କ



ଭାଇ ରାମଙ୍କ ସହ ୧୪ ବର୍ଷ ବନବାସକୁ ଯାଇଥିଲେ । ସେ ରାମଙ୍କ ସେବା କରିବାକୁ ନିଜ ଜୀବନକୁ ସମର୍ପଣ କରିଥିଲେ । ଏହା ସହିତ ଭାରତଙ୍କ ଭକ୍ତି ଓ ପ୍ରେମ ମଧ୍ୟ ଅତ୍ୟନ୍ତ ଅଦ୍ଭୁତ । ସେ ରାମଙ୍କ ସ୍ଥାନରେ ରାଜା ହେବାକୁ ଚାହିଁଲେ ନାହିଁ, ବରଂ ରାମଙ୍କ ପାଦୁକାକୁ ସିଂହାସନରେ ରଖି ରାଜ୍ୟ ଚଳାଇଥିଲେ । ଏହି କାହାଣୀ ଆମକୁ ଶିଖାଏ ଯେ ପରିବାରରେ ପ୍ରେମ, ଭରସା ଓ ସମ୍ମାନ ରହିଲେ ସମସ୍ତ ସମସ୍ୟା ସହଜରେ ସମାଧାନ ହୋଇପାରେ। ରାମାୟଣରେ ସୀତାଙ୍କ ଚରିତ୍ର ନାରୀ ମର୍ଯ୍ୟାଦା, ସତୀତ୍ୱ ଓ ସହନଶୀଳତାର ଉତ୍କୃଷ୍ଟ ଉଦାହରଣ । ରାବଣଙ୍କ ଅଶୋକବାଟିକାରେ ବନ୍ଦୀ ହୋଇଥିଲେ ମଧ୍ୟ ସେ ନିଜ ପତି ପ୍ରତି ନିଷ୍ଠା ଓ ଧର୍ମକୁ ଛାଡ଼ିନଥିଲେ । ସୀତାଙ୍କ ଜୀବନ ଆମକୁ ଶିଖାଏ ଯେ ସତ୍ୟ, ସଂଯମ ଓ ନିଷ୍ଠା ମଣିଷକୁ ମହାନ କରେ । ନାରୀଙ୍କୁ ସମ୍ମାନ କରିବା ଏବଂ ତାଙ୍କର ମର୍ଯ୍ୟାଦା ରକ୍ଷା କରିବା ସମାଜର ପ୍ରତ୍ୟେକ ଲୋକଙ୍କ କର୍ତ୍ତବ୍ୟ ।

ରାମାୟଣରେ ଯାହାଙ୍କୁ ଖଳନାୟକରେ ଚିତ୍ରିତ କରାଯାଇଛି ସେ ହେଉଛନ୍ତି ରାବଣ, ଯିଏକି ବହୁତ ଶକ୍ତିଶାଳୀ ପରମ ଜ୍ଞାନୀ ଥିଲେ । କିନ୍ତୁ ତାଙ୍କର ଅହଂକାର ଓ ଅଧର୍ମଗୁଡ଼ିକ ତାଙ୍କର ପତନର କାରଣ ହେଲା । ସୀତାଙ୍କୁ ଅପହରଣ କରି ସେ ଧର୍ମର ବିରୋଧରେ କାମ କରିଥିଲେ। ଶେଷରେ ରାମ ଓ ତାଙ୍କର ସେନା ରାବଣଙ୍କୁ ପରାଜିତ କରିଥିଲେ । ଏହି ଘଟଣା ଆମକୁ ଶିଖାଏ ଯେ ଅହଂକାର, ଅନ୍ୟାୟ ଓ ଅଧର୍ମ ଶେଷରେ ନିଶ୍ଚୟ ନାଶ ହୁଏ । ରାମାୟଣରେ ହନୁମାନଙ୍କ ଭକ୍ତି ଓ ସେବାଭାବ ଅତ୍ୟନ୍ତ ପ୍ରସିଦ୍ଧ । ସେ ରାମଙ୍କ ପ୍ରତି ଅତ୍ୟନ୍ତ ନିଷ୍ଠାବାନ ଓ ସତ୍ୟଭକ୍ତ ଥିଲେ । ସୀତାଙ୍କୁ ଖୋଜିବା ପାଇଁ ସମୁଦ୍ର ଲଂଘିବା, ଲଙ୍କା ଜଳାଇବା ଓ ଯୁଦ୍ଧରେ ସହାୟତା କରିବା, ସବୁ ତାଙ୍କର ଭକ୍ତିର ପ୍ରମାଣ । ହନୁମାନଙ୍କ ଜୀବନ ଆମକୁ ଶିଖାଏ ଯେ ନିଷ୍ଠା, ଭକ୍ତି ଓ ସେବା ମଣିଷକୁ ମହାନ କରେ । ରାମାୟଣର ସର୍ବପ୍ରଧାନ ଶିକ୍ଷା ହେଉଛି ଯେ ସତ୍ୟର ଜୟ ଓ ଅସତ୍ୟର ପରାଜୟ । ରାମ ଧର୍ମ, ସତ୍ୟ ଓ ନ୍ୟାୟର ପକ୍ଷରେ ଥିଲେ, ଯେତେବେଳେ ରାବଣ ଅଧର୍ମ ଓ ଅନ୍ୟାୟର ପକ୍ଷରେ ଥିଲେ।

ଶେଷରେ ରାମ ରାବଣଙ୍କୁ ପରାଜିତ କରି ସତ୍ୟର ଜୟ ସ୍ଥାପନ କରିଥିଲେ। ଏହା ଆମକୁ ଶିଖାଏ ଯେ ସତ୍ୟର ପଥ କଷ୍ଟକର ହେଲେ ମଧ୍ୟ ଶେଷରେ ସେହି ପଥରେ ହିଁ ଜୟ ମିଳେ। ରାମାୟଣରେ ଭଲ ଓ ଖରାପ ସଙ୍ଗର ପ୍ରଭାବ ମଧ୍ୟ ଦେଖାଯାଏ । ରାମଙ୍କ ସହିତ ଥିବା ଲୋକମାନେ ଧର୍ମ ଓ ନ୍ୟାୟର ପଥରେ ଚାଲିଥିଲେ, ଯେତେବେଳେ ରାବଣଙ୍କ ସଙ୍ଗୀମାନେ ତାଙ୍କୁ ଅଧର୍ମର ପଥରେ ଆଗକୁ ବଢ଼ାଇଥିଲେ । ଏହା ଆମେ ଶିଖୁଛୁ ଯେ ଭଲ ସଙ୍ଗ ମଣିଷକୁ ସଠିକ୍ ପଥରେ ନେଇଯାଏ, ଯେତେବେଳେ ଖରାପ ସଙ୍ଗ ମଣିଷକୁ ଅନର୍ଥର ପଥରେ ନେଇଯାଏ ।

ଏଥିରୁ ଅନୁମେୟ କରାଯାଏ ଯେ ରାମାୟଣ କେବଳ ଗୋଟିଏ ପୁରାଣ କାହାଣୀ ନୁହେଁ, ଏହା ମାନବ ଜୀବନ ପାଇଁ ଗୋଟିଏ ନୀତିମୟ ପଥପ୍ରଦର୍ଶକ । ଏହି ମହାକାବ୍ୟ ଆମକୁ ଧର୍ମ, ସତ୍ୟ, ଭକ୍ତି, ପରିବାର ପ୍ରେମ ଓ ନ୍ୟାୟର ମୂଲ୍ୟ ବୁଝାଇଥାଏ । ରାମଙ୍କ ଆଦର୍ଶ ଜୀବନ, ସୀତାଙ୍କ ସହନଶୀଳତା, ଲକ୍ଷ୍ମଣଙ୍କ ଭାଇପ୍ରେମ, ଭରତଙ୍କ ନିଷ୍ଠା ଓ ହନୁମାନଙ୍କ ଭକ୍ତି ସମସ୍ତ ଚରିତ୍ର ଆମ ପାଇଁ ଆଦର୍ଶ ଉଦାହରଣ । ଆଜିର ସମାଜରେ ଯଦି ମଣିଷ ରାମାୟଣର ଶିକ୍ଷାକୁ ଅନୁସରଣ କରିବେ, ତେବେ ସମାଜରେ ଶାନ୍ତି, ନ୍ୟାୟ ଓ ସୁଖ ସ୍ଥାପିତ ହେବ । ସେହିପରି ରାମାୟଣର ନୀତି ଆମ ଜୀବନରେ ସଦା ପ୍ରାସଙ୍ଗିକ ଓ ପଥପ୍ରଦର୍ଶକ ରହିବ । ମୋଟ ଉପରେ କହିବାକୁ ଗଲେ, ବାଲ୍ମିକି ରାମାୟଣ ହେଉଛି ରାମଙ୍କ ଜୀବନ ଓ ଧର୍ମର ଆଦର୍ଶ ଉପରେ ଆଧାରିତ ପ୍ରାଚୀନ ମହାକାବ୍ୟ, ଯେତେବେଳେ ତୁଳସୀ ଦାସ ରାମାୟଣ ଯାହା ରାମଚରିତ ମାନସ ହେଉଛି ଭକ୍ତି ଓ ଧାର୍ମିକ ଭାବନାକୁ ମନେ ପ୍ରତିଷ୍ଠା କରିବା ପାଇଁ ରଚିତ କାବ୍ୟ। ଦୁଇଟି ଗ୍ରନ୍ଥ ଭାରତୀୟ ସଂସ୍କୃତି, ଧର୍ମ ଓ ସାହିତ୍ୟର ଅମୂଲ୍ୟ ସଂପଦ ଏବଂ ଏହା ଆଜି ବି ଲୋକମାନଙ୍କୁ ନୈତିକତା, ଧର୍ମ ଓ ଭକ୍ତିର ଶିକ୍ଷା ଦେଇ ଆସୁଛି ଏବଂ ଆଗକୁ ହଜାର ହଜାର ବର୍ଷ ଧରି ଦେଇ ଆସୁଥିବ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

## କାକଟପୁର ସାମାଜିକ ଓ ସାଂସ୍କୃତିକ ବିକାଶ ଟ୍ରଷ୍ଟ ପକ୍ଷରୁ ସେବାୟତଙ୍କୁ ସମ୍ବର୍ଦ୍ଧନା

କାକଟପୁର, ୨୨।୧୦ (ନିପ୍ର); ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ପୁରୀ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ଭକ୍ତି ଓ ଆଧ୍ୟାତ୍ମିକତାର ଅପୂର୍ବ ପରିବେଶ ସୃଷ୍ଟି ହୋଇଥିଲା। ମହାଷ୍ଟମୀ ତିଥିରେ ମା'ଙ୍କ ମହିଷାମର୍ଦ୍ଦିନୀ ବେଶ ଦର୍ଶନ ସାଙ୍ଗକୁ ଭଜନର ମଧୁର ମୂର୍ଚ୍ଛନାରେ ମନ୍ଦିର ପରିସର ଭକ୍ତିମୟ ହୋଇଉଠିଥିଲା। ଏହି ଅବସରରେ କାକଟପୁର ସାମାଜିକ ଓ ସାଂସ୍କୃତିକ ବିକାଶ ଟ୍ରଷ୍ଟ ପକ୍ଷରୁ ଏକ ଭବ୍ୟ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିବା ବେଳେ ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ତାଙ୍କ ସହଯୋଗୀ କଳାକାରମାନେ ମା'ଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଭକ୍ତିଭରା ଭଜନ ପରିବେଷଣ କରିଥିଲେ। ଭଜନର ସୁମଧୁର ସ୍ୱର ଓ ଆଧ୍ୟାତ୍ମିକ ସଙ୍ଗୀତରେ ଉପସ୍ଥିତ



ଶ୍ରଦ୍ଧାଳୁମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ମା'ଙ୍କ ଦର୍ଶନ ସହ ଭଜନର ଆନନ୍ଦ ଲାଭ କରିବା ପାଇଁ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଆସିଥିବାରୁ କାର୍ଯ୍ୟକ୍ରମସ୍ଥଳରେ ଉତ୍ସବମୁଖର ପରିବେଶ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ମା' ମଙ୍ଗଳାଙ୍କ ସେବାୟତମାନଙ୍କୁ ସମ୍ମାନିତ କରାଯାଇଥିଲା। ଦେବୀଙ୍କ ପୂଜାପାର୍ବଣ, ଧାର୍ମିକ ପରମ୍ପରା ଓ ପୀଠର ସାଂସ୍କୃତିକ ଐତିହ୍ୟର ସୁରକ୍ଷା ସହ ଭକ୍ତିଭାବର ପ୍ରସାର ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଭଜନ ସନ୍ଧ୍ୟା କେବଳ ଏକ ସାଂସ୍କୃତିକ ଆୟୋଜନ ନୁହେଁ, ବରଂ ଧାର୍ମିକ ଭାବଧାରାକୁ ସୁଦୃଢ଼ କରିବା ସହ ସମାଜରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବାର ଏକ ମାଧ୍ୟମ ବୋଲି ମତ ପ୍ରକାଶ ପାଇଥିଲା।ଏହି ଆୟୋଜନରେ ଟ୍ରଷ୍ଟର ସଭାପତି ତଥା କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ସମ୍ପାଦକ ଶ୍ରୀଧର ନାୟକ, ସହସମ୍ପାଦକ ସରୋଜ ସାମଲ, ସନ୍ତୋଷ ସ୍ୱାଇଁ ଓ ତ୍ରିଲୋଚନ ବିଶ୍ୱାଳଙ୍କ ସମେତ ଟ୍ରଷ୍ଟର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ମା' ମଙ୍ଗଳାଙ୍କ ପବିତ୍ର ପୀଠରେ ଆୟୋଜିତ ଏହି ଭଜନ ସନ୍ଧ୍ୟା ଭକ୍ତି, ପରମ୍ପରା ଓ ସାଂସ୍କୃତିକ ଏକତାର ବାର୍ତ୍ତା ବହନ କରିଥିବାବେଳେ ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ଅନୁଭୂତି ଛାଡ଼ିଯାଇଥିଲା।

## ହିନ୍ଦୁ ଯୁବମୋର୍ଚ୍ଚା ପକ୍ଷରୁ ଶସ୍ତ୍ର ପୂଜନ ଓ ଶୋଭାଯାତ୍ରା

କୁଚିଣ୍ଡା, ୨୨।୧୦ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ବୁଧବାର ହିନ୍ଦୁ ଯୁବମୋର୍ଚ୍ଚା ପକ୍ଷରୁ ଶସ୍ତ୍ର ପୂଜନ ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚମୁଖୀ ଛକ ମାଁ କନକ ଦୁର୍ଗା ମନ୍ଦିର ଓ ପୁରୁଣା ବସଷ୍ଟାଣ୍ଡ ଦୁର୍ଗା ମନ୍ଦିର ଠାରେ ହିନ୍ଦୁ ଯୁବ ମୋର୍ଚ୍ଚା ପକ୍ଷରୁ



ଶସ୍ତ୍ରପୂଜନ ସହ ଶପଥ ପାଠ ହୋଇଥିଲା।ପରେ ଭିକୁ ନାୟକ, ସୌରଭ କର, ମଣ୍ଟୁ ରାୟଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ ଯୁବମୋର୍ଚ୍ଚା ସଦସ୍ୟ ମାନେ ହିନ୍ଦୁ ମଠ,ମନ୍ଦିର ଓ ଗୋମାତା ସୁରକ୍ଷା ସହ ରାଷ୍ଟ୍ର ରକ୍ଷା ପାଇଁ ପ୍ରତିଜ୍ଞା ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମଣ୍ଟୁ ଦାସ, ଅଭିଷେକ, ଅଙ୍ଗଦ ରାୟ ,ଅତିସ ଅଗ୍ରୱାଲ, ରଜତ ଶର୍ମା, ପ୍ରାଣବନ୍ଧୁ ନାଥଙ୍କ ସମେତ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ପୋଲିସ ଶହୀଦ ଦିବସ

ଗୁଣପୁର, ୨୨।୧୦ (ନିପ୍ର); ରାୟଗଡ଼ା ଜିଲ୍ଲା ଭାମିନୀ ସ୍ଥିତ ଦ୍ୱିତୀୟ ଭାରତୀୟ ସଂରକ୍ଷିତ ବାହିନୀ ( ୨ୟ ଆଇ.ଆର.ବି.) ପରିସରରେ ଶ୍ରଦ୍ଧା ଓ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ବାଟାଲିୟନ୍ ପାରେଡ୍ ଗ୍ରାଉଣ୍ଡରେ ଆୟୋଜିତ ଏହି ସମାରୋହରେ ବାଟାଲିୟନର ଦୁର୍ଗପତି ବ୍ରଜମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ବିଗତ ୧୨ ମାସ ମଧ୍ୟରେ ଦେଶର ସୁରକ୍ଷା, ଆଇନ ଶୃଙ୍ଖଳା ରକ୍ଷା ଓ ଶାନ୍ତି ପ୍ରତିଷ୍ଠା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଅମର ଶହୀଦ ଯବାନମାନଙ୍କ ନାମ ପାଠ କରିବା ସହ ସେମାନଙ୍କ ଅସୀମ ସାହସିକତା ଓ ବଳିଦାନ ସ୍ମରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଦ୍ୱିତୀୟ ଆଇ .ଆର. ବାଟାଲିୟନର ଶହୀଦ ଲକ୍ଷ୍ମଣ ମାଝୀ ଓ ଶହୀଦ ସୁଶାନ୍ତ କୁମାର ମହାନ୍ତିଙ୍କ ସ୍ମୃତିରେ ସେମାନଙ୍କ ପରିବାର ବର୍ଗଙ୍କୁ ସ୍ମୃତିପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଟାଲିୟନର ସମସ୍ତ କର୍ମଚାରୀ, ଅଫିସର ଓ ଯବାନମାନେ ଯୋଗଦେଇଥିଲେ। ପାରେଡକୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନିରଞ୍ଜନ ପରିଡ଼ା ପରିଚାଳନା କରିଥିଲେ। ଉକ୍ତ ସମାରୋହରେ ବାଟାଲିୟନ ଦୁର୍ଗପତି ବ୍ରଜମୋହନ ନାୟକ, ଉପ-ଦୁର୍ଗପତି ରମେଶ ଚନ୍ଦ୍ର ମହାନ୍ତି , ପୂର୍ବତନ ମୁଖ୍ୟମନ୍ତ୍ରୀ ଡ଼ଃ ଗିରିଧର ଗମାଙ୍ଗ, ରାମନାଗୁଡ଼ା ତହସିଲଦାର ପ୍ରାଣ କୃଷ୍ଣ ପାଣିଗ୍ରାହୀ, ଗାୟତ୍ରୀ ଶିକ୍ଷା ଅନୁଷ୍ଠାନ ସମୂହର ଅଧ୍ୟକ୍ଷ ସମାଜସେବୀ ଅକ୍ଷୟ ଦାସ ସମାଜସେବୀ ସରୋଜ ନାୟକ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ସମେତ ବହୁ ବିଶିଷ୍ଟ ଅତିଥିବୃନ୍ଦ, ଅଫିସର, ଯବାନ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଓ କର୍ମଚାରୀ ଉପସ୍ଥିତ ରହି ଶହୀଦମାନଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

# ଝାରସୁଗୁଡ଼ା ଜିଲ୍ଲାରେ ବର୍ଷା ଉଭାନ, ଫାଟିଲାଣି ଧାନଜମି

ଝାରସୁଗୁଡ଼ା, ୨୨।୧୦: ଭଲ ଫସଲ ଅମଳ କରିବାର ଆଶା ନେଇ ଚଳିତ ଖରିଫ ଋତୁରେ ଧାନ ଚାଷ କରିଥିବା ଝାରସୁଗୁଡ଼ା ଜିଲ୍ଲାର ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ପ୍ରଥମେ ଚକଡ଼ା ପୋକର ପ୍ରାଦୁର୍ଭାବ ଫସଲକୁ କ୍ଷତିଗ୍ରସ୍ତ କରିଥିବା ବେଳେ ଏବେ ବର୍ଷା ଅଭାବ ଚାଷୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଛି। ଧାନ ଫୁଟିବା ସମୟରେ ଜମିରେ ଆବଶ୍ୟକ ପାଣି ନଥିବାରୁ ଅନେକ ସ୍ଥାନରେ ମାଟି ଫାଟି ଆଁ କଲାଣି। ଫଳରେ ଅମଳ ପୂର୍ବରୁ ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ସୂଚନା ଅନୁଯାୟୀ, ଜିଲ୍ଲାରେ ପ୍ରାୟ ମାସେରୁ ଅଧିକ ସମୟ ହେଲା ଚକଡ଼ା ପୋକର ପ୍ରାଦୁର୍ଭାବ ଲାଗି ରହିଛି। କୃଷି ବିଭାଗର ପ୍ରାରମ୍ଭିକ ଆକଳନ ଅନୁସାରେ, ତିନୋଟି ବ୍ଲକ୍ ର ୪୯ଟି ପଞ୍ଚାୟତର ୧୭୭.୫ ହେକ୍ଟର ଜମିରେ ଚକଡ଼ା ପୋକ ଲାଗିଥିଲା। ଏଥିମଧ୍ୟରୁ ଲଖନପୁର ବ୍ଲକ୍‌ର ସ୍ଥିତି ସବୁଠାରୁ ଗମ୍ଭୀର ବୋଲି ଜଣାପଡ଼ିଛି। ବିଭାଗୀୟ ତଥ୍ୟ ଅନୁସାରେ, ଲଖନପୁର ବ୍ଲକ୍ ର ୩୩ଟି ପଞ୍ଚାୟତରେ ଚକଡ଼ା ପୋକର ପ୍ରଭାବ ଦେଖାଦେଇଛି। ଏହି ବ୍ଲକ୍ ର ୫୭ଟି ଗ୍ରାମର ୧୪୨ ହେକ୍ଟର ଜମିରେ ପୋକ ଲାଗିଥିବା ଆକଳନ କରାଯାଇଛି। ସେହିପରି ଲଇକେରା ବ୍ଲକ୍‌ର ୧୦ଟି ପଞ୍ଚାୟତର ୩୫ଟି ଗ୍ରାମର ୨୭.୫ ହେକ୍ଟର ଏବଂ କୋଲାବିରା ବ୍ଲକ୍‌ର



କେତେକ ଗ୍ରାମରେ ମଧ୍ୟ ଚକଡ଼ା ପୋକର ପ୍ରଭାବ ରହିଥିବା ସୂଚନା ମିଳିଛି। ତେବେ ସରକାରୀ ଆକଳନ ଓ କ୍ଷେତ୍ରସ୍ତରର ବାସ୍ତବ ସ୍ଥିତି ମଧ୍ୟରେ ପାର୍ଥକ୍ୟ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାର ପାଞ୍ଚଟି ବ୍ଲକ୍‌ରେ ୧୨୦୦ ହେକ୍ଟରରୁ ଅଧିକ ଜମି ଚକଡ଼ା ପୋକ ଦ୍ୱାରା ପ୍ରଭାବିତ ହୋଇଥିବା ଦାବି ହୋଇଛି। କେବଳ ଲଖନପୁର ବ୍ଲକ୍ ର ପ୍ରାୟ ୨୫ଟି ପଞ୍ଚାୟତର ୭୦୦ ହେକ୍ଟରରୁ ଅଧିକ ଜମିରେ ପୋକ ଲାଗିଥିବା ଚାଷୀମାନେ କହିଛନ୍ତି। କୃଷି ବିଭାଗର ପରାମର୍ଶ କ୍ରମେ କୀଟନାଶକ ପ୍ରୟୋଗ କରିବା ପରେ ମଧ୍ୟ ଆଶାନୁରୂପ ଫଳ ମିଳୁନଥିବାରୁ ସେମାନଙ୍କ ଚିନ୍ତା ବଢ଼ିଛି। ଏପଟେ ଚକଡ଼ା ପୋକରୁ ଫସଲକୁ ରକ୍ଷା କରିବାକୁ ସଂଘର୍ଷ ଚାଲିଥିବା ବେଳେ ଦୀର୍ଘଦିନ ଧରି ବର୍ଷା ନହେବା ପରିସ୍ଥିତିକୁ ଅଧିକ ସଙ୍ଗିନ କରିଛି। ଜିଲ୍ଲାର ୭୦ ପ୍ରତିଶତରୁ ଅଧିକ ଚାଷଜମି ଅଣଜଳସେଚିତ ହୋଇଥିବାରୁ ଚାଷୀଙ୍କୁ ପାଣି ମଡ଼ାଇବା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଧାନ ଗଛରେ ଫୁଲ ଆସିବା ସମୟରେ ଜଳାଭାବ ଦେଖାଦେବା ଫସଲ ଅମଳ ଉପରେ ଗୁରୁତର ପ୍ରଭାବ ପକାଇବା ଆଶଙ୍କା ରହିଛି। ଚକଡ଼ା ପୋକର ପ୍ରାଦୁର୍ଭାବ ଏବଂ ବର୍ଷା ଅଭାବ ଯୋଗୁଁ ଚାଷୀଙ୍କ ଖର୍ଚ୍ଚ ବଢ଼ିବା ସହ ଉତ୍ପାଦନ କମିବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଜମିର ସଠିକ୍ ଆକଳନ, କୀଟ ନିୟନ୍ତ୍ରଣ ପାଇଁ ପ୍ରଭାବୀ ପଦକ୍ଷେପ ଏବଂ ଜରୁରୀକାଳୀନ ଜଳସେଚନ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରୁଛନ୍ତି। ଅନ୍ୟପକ୍ଷରେ, ପରିସ୍ଥିତି ଉପରେ ନଜର ରଖାଯାଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି।

## 'ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରାର୍ଥୀ ଦେଖି ଭୋଟ ଦେବେ'

ତିଗିରିଆ, ୨୨।୧୦ (ନିପ୍ର): ସ୍ୱାଧୀନତା ମିଳିବାର ୮୦ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ୮୯ଆଠଗଡ -ତିଗିରିଆ ନିର୍ବାଚନ ମଣ୍ଡଳୀ ଅବହେଳିତ ଅବସ୍ଥାରେ ରହିଛି । ସାଧାରଣ ନାଗରିକ ବିଭିନ୍ନ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ୨୦୨୭ମାର୍ଚ୍ଚ ୧୦ତାରିଖରେ ତ୍ରିସ୍ତରୀୟ ନିର୍ବାଚନରେ ନିର୍ବାଚିତ ହୋଇଥିବା ଲୋକ ପ୍ରତିନିଧି ମାନଙ୍କ କାର୍ଯ୍ୟକାଳ ସରିଯିବ । ତ୍ରିସ୍ତରୀୟ ନିର୍ବାଚନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି।

ଯାହା ମନେ ହେଉଛି ଆଗାମୀ ତ୍ରିସ୍ତରୀୟ ନିର୍ବାଚନ ରୋଚକ ହେବାକୁ ଯାଉଛି । ବିଗତ ବର୍ଷଗୁଡ଼ିକରେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଅଚ୍ୟୁତାନନ୍ଦ ଦାଶ ଓ ରାଣୀ ରାସମଞ୍ଜରୀ ଦେବୀଙ୍କୁ ବାଦ୍ ଦେଲେ କେବଳ ଗୁଣ୍ଡାଶାସନ ପରିଲକ୍ଷିତ ହୋଇଛି । ଅଂଚଳର ସ୍ୱାର୍ଥ ପାଇଁ ବିଧାୟକ ମାନେ ପ୍ରୟାସ କରି ନାହାନ୍ତି । ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ନିର୍ମାଣଧୀନ କାର୍ଯ୍ୟ ଗୁଡିକ ନିମ୍ନ ମାନର ହୋଇଛି। ମଦ କୁଟୀର ଶିଳ୍ପରେ ପରିଣତ ହୋଇଥିବା ସାଧାରଣରେ ମନ୍ତବ୍ୟ ପ୍ରକାଶ ପାଇଛି । ଅଞ୍ଚଳରୁ ବିଧାୟକ ଭାବେ ୯୦ଦଶକରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ବାଚିତ ହୋଇ ଆସୁଛନ୍ତି । ଶାସକ ଦଳର ପ୍ରାର୍ଥୀ ଅଭୟ ବାରିକ ୮୨ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲେ । ବିଜେପି ଆସିବାପରେ ଅଂଚଳର ବିକାଶ ହେବ ବୋଲି ସାଧାରଣ ଜନତା ଆଶା ରଖିଥିଲେ । କିନ୍ତୁ ବିଜେପି ସରକାର ଆସିବାପରେ ସୁଭଦ୍ରା ଯୋଜନା ପ୍ରଣୟନ କରିଛନ୍ତି ଓ ଗୋ -ହତ୍ୟା ବନ୍ଦ କରିଛନ୍ତି ।ଗୁଣ୍ଡା ଶାସନ କିଛି ମାତ୍ରାରେ କମିଛି। ଏହାର ଅର୍ଥ ନୁହେଁ ଯେ ଅଞ୍ଚଳ ବାସୀଙ୍କ ପାଖରେ ବିକାଶ ପହଞ୍ଚି ଗଲା । ଯୁବବର୍ଗଙ୍କୁ ନିଯୁକ୍ତି ମିଳିବା ଅତ୍ୟନ୍ତ ଜରୁରୀ'ଏତଦଭିନ୍ନ ଅଞ୍ଚଳରେ ଥିବା ଚାଷ ଜମିକୁ ଜଳସେଚନ ହେବା ମଧ୍ୟ ଆବଶ୍ୟକ। ଫଳରେ ଚାଷୀମାନଙ୍କ ଆୟ ତିନିଗୁଣା ବୃଦ୍ଧି ପାଇବ । ଜଗନ୍ନାଥ ସମବାୟ ସୂତାକଳ ଓ ଆଠଗଡ଼ରେ ଥିବା ଶୀତଳ ଭଣ୍ଡାର ୨୫ବର୍ଷ ଧରି ବନ୍ଦ ହୋଇଯାଇଛି। ଏହାକୁ ପୁନଃ ଚାଲୁ କରିବାକୁ ବିଜେଡି କିମ୍ବା ବିଜେପି ସରକାର ପ୍ରୟାସ କରୁନାହାନ୍ତି। ଏପର୍ଯ୍ୟନ୍ତ ମେଗା ପାନୀୟ ଜଳ ଯୋଗାଣ କରାଯାଇନାହିଁ । ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ଭଲ ପ୍ରାର୍ଥୀ ଦେଖି ଭୋଟର ମାନେ ମତଦାନ ସାବ୍ୟସ୍ତ କରିବେ । ମଦ, ମାଂସ ଓ ଅର୍ଥ ପ୍ରଲୋଭନରେ ପଡିବେ ନାହିଁ ବୋଲି ଜନତା ମନ ସ୍ଥିର କରିଥିବା ସ୍ଥାନୀୟ ସଚେତନ ନାଗରିକ ମହଲରେ ମନ୍ତବ୍ୟ ପ୍ରକାଶ ପାଇଛି।

## ବାରହାତ ଖଣ୍ଡା ଓ ପାଇକ ଶୋଭାଯାତ୍ରା

ରାଉରକେଲା, ୨୨।୧୦ (ନିପ୍ର): ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ବାରହାତ ଖଣ୍ଡା ଶୋଭାଯାତ୍ରା ସେକ୍ଟର ୩ ସ୍ଥିତ ଖଣ୍ଡା ଭବନରୁ ବାହାରି ସହର ପରିକ୍ରମା କରିଥିଲା। ଖଣ୍ଡା ଭବନ ଠାରେ ଦିବା ୧୦ ଟା ସୁଦ୍ଧା ସମସ୍ତ ନୀତିନିୟମ ସମ୍ପନ୍ନ କରାଯିବା ପରେ ମହାସଭାର ଉପଦେଷ୍ଟା ହରିହର ରାଉତରାୟ,ଡା ୟୁ ସି ଜେନା,ବା ଗୋପବନ୍ଧୁ ବଳ, ପ୍ରାକ୍ତନ ସଭାପତି ସାରଦା ପ୍ରସାଦ ନାୟକ, ପ୍ରଭାତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଶଶଧର ପାତ୍ର, ପ୍ରତିଷ୍ଠାତା ସଦସ୍ୟ ଯଦୁମଣି ସ୍ୱାଇଁ,ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ରାଉତଙ୍କ ନେତୃତ୍ୱରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଖଣ୍ଡା ଭବନରୁ ବାହାରି ସେକ୍ଟର ୨ ବିଜୁ ପଟ୍ଟନାୟକ, ଆମ୍ବାଗାନ ନିକଟସ୍ଥ ଉତ୍କଳମଣି ଗୋପବନ୍ଧୁ ଦାସ, ଭଞ୍ଜଭବନ ସମ୍ମୁଖସ୍ଥ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣଙ୍କ ପରେ ସେକ୍ଟର ୧ ଦୁର୍ଗା କ୍ୟାଣ୍ଟିନ ଛକ, ସେକ୍ଟର ୧ ଦୁର୍ଗାପୂଜା ମଣ୍ଡପ ହୋଇ ରାଉରକେଲା କ୍ଲବ, ସେକ୍ଟର ୬ ଇସ୍ପାତ



ଷ୍ଟାଡିୟମ, ସେକ୍ଟର ୫ ସୁରୁଚି ବଜାର ହୋଇ ମହାସଭାର ଖଣ୍ଡା ଭବନକୁ ଫେରି ଥିଲା। ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ଓ ରାଣୀ ଶୁକଦେଇ ମହିଳା ସଂଗଠନର ସମସ୍ତ ମହିଳା ଏକ ଡିଜାଇନ୍ ର ଶାଢ଼ୀ ପିନ୍ଧି ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଏହାପରେ ସମସ୍ତେ ପ୍ରସାଦ ସେବନରେ ଆପ୍ୟାୟିତ ହୋଇଥିଲେ। ସେହିପରି ରାଉରକେଲା କମିଟି ତରଫରୁ ଖଣ୍ଡା ଓ ପାଇକ ଶୋଭାଯାତ୍ରା ବିଶ୍ରା ଛକରୁ ଆରମ୍ଭ ହୋଇ ରାଉରକେଲା ମାର୍କେଟର ମୁଖ୍ୟମାର୍ଗ ଦେଇ ଉଦିତ ନଗର ଛକ ହୋଇ ଆଇଟିଆଇ ଛକ ବା ରଘୁନାଥପାଲୀ ଥାନା ନିକଟସ୍ଥ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ରାଉରକେଲା ଶାଖା ନିକଟରେ ପହଞ୍ଚିଥିଲା।

## ରାବଣ ପୋଡ଼ି ସହ ସମ୍ପନ୍ନ ହେଲା ୯୯ତମ ଦୁର୍ଗାପୂଜା

କୁଚିଣ୍ଡା, ୨୨।୧୦ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ୯୯ତମ ଦୁର୍ଗାପୂଜା ଓ ଦଶହରା ରାବଣପୋଡ଼ି ସହ ସମ୍ପନ୍ନ ହୋଇଛି। ନବରାତ୍ର ଠାରୁ ଆରମ୍ଭ ହୋଇଥିବା ଦୁର୍ଗାପୂଜା ପାଇଁ ପ୍ରତ୍ୟହ ବହୁସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ ହୋଇ ଆସୁଥିବା ବେଳେ ବିଜୟା ଦଶମୀ ତଥା ବୁଧବାର ରାବଣ ପୋଡି ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ମନ୍ଦିର ଛକ ଦୁର୍ଗାପୂଜା କମିଟି ପକ୍ଷରୁ କଲେଜ ପଡ଼ିଆରେ ପ୍ରତିବର୍ଷ ଭଳି ଆୟୋଜିତ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। ମନ୍ଦିର ଛକରୁ ରାମ ଲକ୍ଷ୍ମଣ ଏକ ସୁସଜ୍ଜିତ ରଥରେ କଲେଜ ପଡିଆରେ ପହଞ୍ଚିଥିଲେ। ସନ୍ଧ୍ୟାରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ଆତସବାଜି ପ୍ରତି ଯୋଗିତା ଦର୍ଶକଙ୍କ ବେଶ ମନଛୁଆଁ ହୋଇଥିଲା। ଏଥିରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି, ମନ୍ଦିର ଛକ ଦୁର୍ଗାପୂଜା କମିଟି ସଭାପତି ତଥା କୁଚିଣ୍ଡା ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି,



ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।ମା'ଙ୍କ ଶେଷ ଦର୍ଶନ ପାଇଁ ସନ୍ଧ୍ୟାରେ ମନ୍ଦିର ଛକ,ପଞ୍ଚମୂଖୀ ଛକ ଓ ବସଷ୍ଟାଣ୍ଡ ଦୁର୍ଗାପୂଜା ମଣ୍ଡପ ମାନଙ୍କରେ ପ୍ରବଳ ଭିଡ଼ ଜମିଥିଲା। ସୁସଜ୍ଜିତ ତୋରଣ ସାଙ୍ଗକୁ ଆଖି ଝଲସା ଅତ୍ୟାଧୁନିକ ଆଲୋକ ସଜ୍ଜା କୁଚିଣ୍ଡା ସହର ଯେପରି ଇନ୍ଦ୍ରଭୁବନ ଭଳି ପ୍ରତୀୟମାନ ହେଉଥିଲା। ଅର୍କେଷ୍ଟ୍ରା, ଦେଶୀୟ ନାଚ ସାଙ୍ଗକୁ ଡାନ୍ସ ପ୍ରୋଗ୍ରାମର ଦର୍ଶକମାନେ ଭରପୂର ମଜା ଉଠାଇଥିଲେ।ବହୁ ଦୂରଦୂରାନ୍ତରୁ ଆସିଥିବା ଭଳିକି ଭଳି ଦୋକାନ ମାନଙ୍କରେ ଗହଳି ବେଶ ଜମିଥିଲା।

ସ୍ଥାନୀୟ କଳା ପରିଷଦ ପଡ଼ିଆରେ ପଲ୍ଲି ଶ୍ରୀ ମେଳା ପ୍ରଦର୍ଶନୀ ଯୋଗୁଁ ଲୋକଙ୍କ ଅଧିକ ଭିଡ଼ ଜମିଥିଲା। ଆଇନ ଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଭାବେ ଫୋର୍ସ ମୁତୟନ କରାଯାଇଥିଲା। ଗୁରୁବାର ଭୋର ୪ଟା ସମୟରୁ ମା'ଙ୍କ ଭସାଣି ଯାତ୍ରା ହୋଇ ଖର୍ଲା ନଦୀ ସ୍ଥିତ ଝୁଲେନ ପୋଲ ପାଖରେ ବିସର୍ଜନ କାର୍ଯ୍ୟକ୍ରମ ରହିଛି। ସେହିପରି ବାମରା, ଗଡପୋଷ, କେଶାଇବାହାଲ ଠାରେ ମଧ୍ୟ ଧୂମଧାମରେ ଦୁର୍ଗାପୂଜା, ଦଶହରା ଓ ରାବଣପୋଡ଼ି ଉତ୍ସବ ପାଳିତ ହୋଇଯାଇଛି।

## ୨୩ ସର୍ବଭାରତୀୟ ଆନ୍ଦୋଳନକୁ ସଫଳ କରିବା ପାଇଁ ଭଦ୍ରକରେ ଇଣ୍ଡିଆ ବ୍ଲକ ବୈଠକ

ଭଦ୍ରକ, ୨୨/୧୦ (ନିପ୍ର): ଜ୍ଞାନେଶ କୁମାରକୁ ବରଖାସ୍ତ ଓ ଗିରଫ କରିବା, ନିର୍ବାଚନ କମିଶନର ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା ଓ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ସାମିଲ କରିବା, ଆମ ଦେଶରେ ଆନୁପାତିକ ଲୋକ ପ୍ରତିନିଧି ଚୟନ ଜନିତ ନିର୍ବାଚନ କରିବା, ଆମ ଦେଶର ସାଧାରଣ ନିର୍ବାଚନରେ ପ୍ରାର୍ଥୀମାନଙ୍କ ସଂପୂର୍ଣ୍ଣ ଖର୍ଚ୍ଚ ସରକାର ବହନ କରିବା, ନିର୍ବାଚନ ବଣ୍ଡ ମାଧ୍ୟମରେ ବହୁଜାତୀୟ କଂପାନୀ ଠାରୁ ବିଭିନ୍ନ ଦଳ ଆଣୁଥିବା ନିର୍ବାଚନୀ ଚାନ୍ଦା ବ୍ୟବସ୍ଥାକୁ ରଦ୍ଦ କରିବା, ଇଭିଏମ ହଟାଇ ବାଲାଟ ପେପର ଫେରାଇ ଆଣିବା, ଆମ ଦେଶରେ ଚାଲିଥିବା ଐତିହାସିକ ଯୁବ ଛାତ୍ର ଆନ୍ଦୋଳନ ଉପରେ ଦମନ ବଂଦ କରିବା, ଦେଶର ଧର୍ମନିରପେକ୍ଷ ଗଣତନ୍ତ୍ର, ସମ୍ବିଧାନ ଓ ସାଧାରଣତନ୍ତ୍ରର ସୁରକ୍ଷା, ଦେଶରେ ଦରବୃଦ୍ଧି, ବେକାରୀ ସମସ୍ୟାର ସ୍ଥାୟୀ ସମାଧାନ, ଏପଷ୍ଟିନ୍ ଫାଇଲ୍ ଘଟଣାରେ ହରଦିପ ସିଂ ପୁରୀଙ୍କୁ ଗିରଫ ସହ ପ୍ରଧାନମନ୍ତ୍ରୀଙ୍କ ସଂପୃକ୍ତି ସଂପର୍କରେ ନ୍ୟାୟିକ ତଦନ୍ତ ଦାବି ସହ ମୋଦି ସରକାର ଆମ ଦେଶରେ ଜାରି କରିଥିବା ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଅକ୍ଟୋବର ୨୩ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ 'ଦିଲ୍ଲୀ ଚଲୋ' ଡାକରା ଓ 'ଏସ୍ ଆଇଆର ବିରୁଦ୍ଧରେ ଜନଗଣ' ସଂଗଠନ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଇଛନ୍ତି। ଆସନ୍ତା ନଭେମ୍ବର ୧ ତାରିଖ ରେ ଇଣ୍ଡିଆ ବ୍ଲକ ପକ୍ଷରୁ 'ଦିଲ୍ଲୀ ଚଲୋ' ଡାକରା ଦିଆଯାଇଛି । ଏହି ଐତିହାସିକ ଆନ୍ଦୋଳନକୁ ସଫଳ କରିବା ପାଇଁ ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ସିପିଆଇଏମଏଲ ( ଲିବରେସନ) ଜିଲ୍ଲା ସଂପାଦକ ସମର ବଳଙ୍କ ମିଳିତ ସଭାପତିତ୍ୱରେ ଇଣ୍ଡିଆ ବ୍ଲକର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଭଦ୍ରକ ଜିଲ୍ଲାରେ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଜିଲ୍ଲାର ବିଭିନ୍ନ ବ୍ଲକ ସଦରମହକୁମାରେ ଅକ୍ଟୋବର ,୨୩ରେ ବ୍ଲକସ୍ତରୀୟ ବିକ୍ଷୋଭ, ସଭା, ପଥପ୍ରାନ୍ତ ସଭା, ଜନଗଣଙ୍କ ସଂସଦ, ଅକ୍ଟୋବର ୨୫ ରୁ ନଭେମ୍ବର ୨୫ ଏକ ଜିଲ୍ଲା ସ୍ତରୀୟ ଯାଠା ଜିଲ୍ଲା ବ୍ୟାପୀ ପରିଭ୍ରମଣ କରିବା ସହ ଜିଲ୍ଲାର ୨୮ ଟି ଜିଲ୍ଲାପରିଷଦ ଜୋନ୍ ରେ ଇଣ୍ଡିଆ ବ୍ଲକର ୨୮ ଟି ଏସ୍ ଆଇ ଆର ବିରୋଧୀ ଐତିହାସିକ ସମାବେଶ ଆଦି ସଂଗଠିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

## ଜିଲ୍ଲାପାଳଙ୍କ ବିଭିନ୍ନ ପଞ୍ଚାୟତ ପରିଦର୍ଶନ, ଖାଉଟି ସାମଗ୍ରୀ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା

ବୌଦ୍ଧ, ୨୨।୧୦ (ନିପ୍ର); ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ବୌଦ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ଖାଉଟି ସାମଗ୍ରୀ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ମୁର୍ଗୁଣ୍ଡୀ, ତେଲିବନ୍ଧ, ପଦ୍ମନପୁର ଆଦି ପଞ୍ଚାୟତ ଗସ୍ତ କରି ଖାଉଟିମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ରାସନ ସାମଗ୍ରୀର ବଣ୍ଟନ ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଖାଉଟିମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନେ ଠିକ୍ ସମୟରେ ଏବଂ ନିର୍ଦ୍ଧାରିତ ପରିମାଣରେ ଖାଉଟି ସାମଗ୍ରୀ ପାଉଛନ୍ତି କି ନାହିଁ, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଖାଉଟି ସାମଗ୍ରୀ ବଣ୍ଟନରେ ସ୍ୱଚ୍ଛତା ଓ ସମାନତା ବଜାୟ ରଖିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ଠିକ୍ ସମୟରେ ସାମଗ୍ରୀ ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଗୋଦାମରେ ଗଚ୍ଛିତ ଥିବା ସମସ୍ତ ଖାଉଟି ସାମଗ୍ରୀ ଆଗାମୀ ଦୁଇଦିନ ମଧ୍ୟରେ ହିତାଧିକାରୀ ମାନଙ୍କୁ ବଣ୍ଟନ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖାଉଟି ସାମଗ୍ରୀ ବଣ୍ଟନରେ ଯେପରି କୌଣସି ଅବହେଳା ନହୁଏ ଏବଂ ହିତାଧିକାରୀମାନେ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେଇଥିଲେ।ଏହି ପରିଦର୍ଶନ ସମୟରେ ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦାଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଖାଉଟି ହିତାଧିକାରୀଙ୍କୁ ନିଜର ନିର୍ଦ୍ଧାରିତ ଖାଉଟି ସାମଗ୍ରୀ ଠିକ୍ ସମୟରେ ଓ ସଠିକ୍ ପରିମାଣରେ ସଂଗ୍ରହ କରିବା ସହ ବଣ୍ଟନ ବ୍ୟବସ୍ଥାରେ କୌଣସି ଅନିୟମିତତା ପରିଲକ୍ଷିତ ହେଲେ ତାହା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ ଅନୁରୋଧ କରାଯାଇଛି। ଏକ ସ୍ୱଚ୍ଛ, ସୁସଂଗଠିତ ଓ ଜନହିତକର ଖାଉଟି ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବାରେ ଜନସାଧାରଣ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି।

# ଦେଶର ସୁରକ୍ଷା ଓ ଜନସେବାରେ ପ୍ରାଣବଳି ଦେଇଥିବା ଶହୀଦ ପୋଲିସ କର୍ମଚାରୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ବୌଦ୍ଧ, ୨୨।୧୦ (ନିପ୍ର); ବୌଦ୍ଧ ଜିଲ୍ଲା ପୋଲିସ ପକ୍ଷରୁ ସ୍ଥାନୀୟ ବଲାସିଙ୍ଗାସ୍ଥିତ ପଞ୍ଚମ ଇଣ୍ଡିଆନ୍ ରିଜର୍ଭ ବାଟାଲିୟନ (୫ମ ଆଇଆର୍‌ବି) ପଡ଼ିଆରେ ପୋଲିସ ଶହୀଦ ସ୍ମୃତି ଦିବସ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି। ବୌଦ୍ଧ ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୋଲିସ ପତାକା ଉତ୍ତୋଳନ ପରେ କର୍ତ୍ତବ୍ୟ ସମ୍ପାଦନ ସମୟରେ ଦେଶ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ନିଜର ଅମୂଲ୍ୟ ଜୀବନ ଉତ୍ସର୍ଗ କରିଥିବା ବୀର ପୋଲିସ କର୍ମଚାରୀମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଉପଖଣ୍ଡ ପୋଲିସ ଅଧିକାରୀ ଲରେନ



ରାଉତରାୟ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଉପ ଆରକ୍ଷୀ ଅଧୀକ୍ଷକ ଗୌରାଙ୍ଗ ଚରଣ ସାହୁ ଏବଂ ଆଇଆରବିର ବରିଷ୍ଠ ଅଧିକାରୀମାନେ ଅମର ଶହୀଦ ସ୍ତମ୍ଭ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି ବୀରଗତି ପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶହୀଦମାନଙ୍କ ବଳିଦାନ, ନିଷ୍ଠା, ସାହସ ଓ କର୍ତ୍ତବ୍ୟପରାୟଣତାକୁ ସ୍ମରଣ କରିବା ସହ ସେମାନଙ୍କ ତ୍ୟାଗ ଦେଶର ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହୋଇ ରହିବ ବୋଲି କହିଥିଲେ । କାର୍ଯ୍ୟକ୍ରମର ଅନ୍ୟତମ ଭାବପୂର୍ଣ୍ଣ ପର୍ଯ୍ୟାୟରେ ଦୁଇ ଜଣ ପୋଲିସ ଶହୀଦ— ସିପାହୀ ବିଭୁଦେନ୍ଦ୍ର ବିଶ୍ୱାଳ, ପଦ୍ମନପୁର ଓ କନଷ୍ଟେବଳ ପ୍ରମୋଦ କୁମାର ମାଝୀ, ଧର୍ମବନ୍ଧାଙ୍କ ପରିବାରବର୍ଗଙ୍କୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସମ୍ମାନିତ କରିଥିଲେ। ଶହୀଦଙ୍କ ପରିବାର ପ୍ରତି ସମ୍ମାନ ଓ କୃତଜ୍ଞତା ଜଣାଇବା ସହ ସେମାନଙ୍କ ତ୍ୟାଗକୁ ସ୍ମରଣ କରାଯାଇଥିଲା। ପୋଲିସ ଶହୀଦ ସ୍ମୃତି ଦିବସ କାର୍ଯ୍ୟକ୍ରମକୁ ଡେପୁଟି କମାଣ୍ଡାଣ୍ଟ ଶ୍ରଦ୍ଧାକର ଧରୁଆ ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗଙ୍ଗାଧର ଧାଙ୍ଗର ପରିଚାଳନା କରିଥିଲେ। ପରେଡ୍ ପରିଚାଳନାରେ ଇନ୍ସପେକ୍ଟର ସତ୍ୟନାରାୟଣ ବିନ୍ଧାଣୀ, ସୁମିତ କୁମାର ବେହେରା ଓ ଖଗେଶ୍ୱର ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ। ଦେଶର ସୁରକ୍ଷା ଓ ଜନସାଧାରଣଙ୍କ ସେବାରେ ନିୟୋଜିତ ପୋଲିସ କର୍ମଚାରୀଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବା ସହ ଆଇନଶୃଙ୍ଖଳା ରକ୍ଷା ଓ ଶାନ୍ତିପୂର୍ଣ୍ଣ ସମାଜ ଗଠନରେ ପୋଲିସ ପ୍ରଶାସନକୁ ସହଯୋଗ କରିବା ପାଇଁ ଏହି ଅବସରରେ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି।

## ଆନ୍ଧ୍ରପ୍ରଦେଶର ୧୦୦ ପୌରାଞ୍ଚଳରେ ନିର୍ବାଚନ ପ୍ରକ୍ରିୟା ସ୍ଥଗିତ

ନୂଆଦିଲ୍ଲୀ, ୨୨।୧୦: ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଆନ୍ଧ୍ରପ୍ରଦେଶର ୧୦୦ଟି ପୌର ସଂସ୍ଥାରେ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ (ଏପିଏସ୍‌ଇସି)। ଏଥିରେ ୧୩ଟି ମହାନଗର ନିଗମ ଏବଂ ୮୭ଟି ପୌରପାଳିକା ଓ ନଗର ପଞ୍ଚାୟତ ରହିଛି। ରାଜ୍ୟ ନିର୍ବାଚନ ଆୟୁକ୍ତ ଅନିଲ ଚନ୍ଦ୍ର ପୁନେଠା ବୁଧବାର ରାତିରେ ଏ ସମ୍ପର୍କିତ ନିର୍ଦ୍ଦେଶ ଜାରି କରିଛନ୍ତି। ଅକ୍ଟୋବର ୧୪ରେ ଏହି ପୌର ସଂସ୍ଥାଗୁଡ଼ିକ ପାଇଁ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅକ୍ଟୋବର ୧୬ରୁ ୧୮ ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଥିଲେ ଏବଂ ୧୯ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ହୋଇଥିଲା। ଅକ୍ଟୋବର ୨୧ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବାର ଥିଲା। କିନ୍ତୁ ନାମାଙ୍କନ ଦାଖଲରେ ବାଧା ଦିଆଯାଇଥିବା ଅଭିଯୋଗକୁ ନେଇ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବା ପରେ ନିର୍ବାଚନ ପ୍ରକ୍ରିୟା ଅଟକିଛି। ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଏବଂ ଅନ୍ୟ କେତେକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବାକୁ ସେମାନଙ୍କୁ ସୁଯୋଗ ଦିଆଯାଇ ନଥିବା ଅଭିଯୋଗ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନାମାଙ୍କନ କେନ୍ଦ୍ରରେ ପହଞ୍ଚିବାକୁ ବାଧା ଦିଆଯିବା, ଧମକ ଓ ହିଂସା ଯୋଗୁଁ ଅନେକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିପାରି ନଥିବା ସେମାନେ ଦାବି କରିଥିଲେ। ଏହି ଅଭିଯୋଗଗୁଡ଼ିକର ଯାଞ୍ଚ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ସର୍ବୋଚ୍ଚ ଅଦାଲତ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ କହିଥିଲେ।

## ଶ୍ରୀନଗରର ଲାଲଚୌକରେ ଦୁର୍ଗାପୂଜା ଶୋଭାଯାତ୍ରା

ଶ୍ରୀନଗର, ୨୨।୧୦: ଜାମ୍ମୁ-କାଶ୍ମୀରର ଶ୍ରୀନଗରସ୍ଥିତ ଐତିହାସିକ ଲାଲଚୌକରେ ଦୁର୍ଗାପୂଜା ଅବସରରେ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଛି। କାଶ୍ମୀରରେ ରହୁଥିବା ବଙ୍ଗୀୟ ସମ୍ପ୍ରଦାୟର ଲୋକମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇ ମା' ଦୁର୍ଗାଙ୍କୁ ବିଦାୟ ଦେଇଛନ୍ତି। 'ଜୟ ମା' ଦୁର୍ଗା' ଧ୍ୱନିରେ ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ଶାରଦୀୟ ନବରାତ୍ରି ଓ ବିଜୟାଦଶମୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୁଷ ଓ ମହିଳାମାନେ ପାରମ୍ପରିକ ପୋଷାକ ପିନ୍ଧି ଢୋଲର ତାଳେ ତାଳେ ନୃତ୍ୟ କରିଥିଲେ। ବଙ୍ଗୀୟ ପରମ୍ପରା ଅନୁଯାୟୀ ସିନ୍ଦୂର ଖେଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ପାଞ୍ଚଦିନ ଧରି ଚାଲିଥିବା ଦୁର୍ଗୋତ୍ସବର ଶେଷ ଦିନରେ ଶ୍ରଦ୍ଧାଳୁମାନେ ଆନନ୍ଦ ଓ ଭାବବିହ୍ୱଳ ପରିବେଶରେ ଦେବୀଙ୍କୁ ବିଦାୟ ଜଣାଇଥିଲେ। ଐତିହାସିକ ଲାଲଚୌକର ଘଣ୍ଟାଘର ନିକଟରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଆମିରା କଦଲ ଘାଟରେ ପହଞ୍ଚିଥିଲା।

## ଗଛକୁ ଧକ୍କା ଦେଲା ବସ, ୬ ମୃତ, ୩୯ ଆହତ

ନୂଆଦିଲ୍ଲୀ, ୨୨।୧୦: ଛତିଶଗଡ଼ର ମାନେନ୍ଦ୍ରଗଡ଼-ଚିରାମିରି-ଭରତପୁର ଜିଲ୍ଲାର ମାନେନ୍ଦ୍ରଗଡ଼ରୁ ଏକ ବଡ଼ ଦୁର୍ଘଟଣାର ଖବର ଆସିଛି। ଏକ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ଗଛକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୬ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି, ଯେତେବେଳେ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ବସ୍‌ରେ ମହିଳା ଏବଂ ପିଲାମାନେ ମଧ୍ୟ ଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ବ୍ୟାପକ ଉତ୍ତେଜନା ପ୍ରକାଶ ପାଇଛି। ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଛି। ଏହି ସଡ଼କ ଦୁର୍ଘଟଣା କେଲହାରି ଥାନା ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି । ମାନେନ୍ଦ୍ରଗଡ଼ ହସ୍ପିଟାଲର ଅଧୀକ୍ଷକ କହିଛନ୍ତି ଯେ, ମାନେନ୍ଦ୍ରଗଡ଼ରେ ୩୯ ଜଣ ଆହତଙ୍କ ଚିକିତ୍ସା ଚାଲିଛି। ଆହତଙ୍କ ମଧ୍ୟରେ ମହିଳା ଏବଂ ପିଲାମାନେ ଅଛନ୍ତି । ସେହି ସମୟରେ, ପ୍ରାୟ ୬ ଜଣଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟ କରାଯାଇଛି । ଦୁର୍ଘଟଣାର କାରଣ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିବରଣୀ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ। ଛତିଶଗଡ଼ର ମାନେନ୍ଦ୍ରଗଡ଼ରେ ଦୁର୍ଘଟଣା ସମ୍ପର୍କରେ ପୋଲିସ ଅଧିକ୍ଷକ ରତ୍ନା ସିଂହ ମଧ୍ୟ ଏକ ବିବୃତ୍ତି ଜାରି କରିଛନ୍ତି । ସେ ୬ ଜଣଙ୍କର ମୃତ୍ୟୁକୁ ନିଶ୍ଚିତ କରିଛନ୍ତି । ଦୁର୍ଘଟଣାର କାରଣ ବ୍ରେକ୍ ଫେଲ୍ ବୋଲି ଅନୁମାନ କରାଯାଉଛି । ପୋଲିସ ଅଧିକ୍ଷକ ମଧ୍ୟ ମିନିବସ୍‌ରେ ଓଭରଲୋଡ୍ ହେବାର ସମ୍ଭାବନାକୁ ସ୍ୱୀକାର କରିଛନ୍ତି । ଦୁର୍ଘଟଣା ପରେ, ଆହତ ମାନଙ୍କୁ ମାନେନ୍ଦ୍ରଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ସମସ୍ତଙ୍କ ଚିକିତ୍ସା ଚାଲିଛି ।

## ଅଶୋଧିତ ତୈଳ ଦର ବଢ଼ିଲା

ନୂଆଦିଲ୍ଲୀ, ୨୨।୧୦: ସାଉଦିଆରବରେ ହୋଇଥିବା ଆକ୍ରମଣ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ବ୍ରେଣ୍ଟ୍ କ୍ରୁଡର ବ୍ୟାରେଲ୍ ପିଛା ଦର ୧୧୨ ଡଲାରରୁ ଅଧିକ ଓ ୟୁଏସ୍ ଟେକ୍ସାସ୍ ଇଣ୍ଟରମେଡିଆରିଜ୍ ଦର ୯୯ ଡଲାରକୁ ବୃଦ୍ଧି ପାଇଛି। ହର୍ମୁଜ ପ୍ରଣାଳୀ ଦେଇ ତୈଳ ପରିବହନ ବଢ଼ିଥିଲେ ମଧ୍ୟ ମଧ୍ୟପ୍ରାଚ୍ୟରେ ଭୂରାଜନୈତିକ ଉତ୍ତେଜନା ଲାଗି ରହିଥିବାରୁ ତେଲ ଦର ବଢୁଛି। ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ବ୍ରେଣ୍ଟ କ୍ରୁଡ୍ ଦର ଚଳିତ ବର୍ଷ ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ସମୁଦ୍ରରେ ତୈଳ ପରିବହନ କରୁଥିବା ଜାହାଜଗୁଡ଼ିକ ଧରାପଡ଼ିବାରୁ ବର୍ତ୍ତିବା ଲାଗି ନିଜ ଟ୍ରାନ୍ସପଣ୍ଡରକୁ ବନ୍ଦ କରିଦେଉଛନ୍ତି। ଗତ କିଛି ସପ୍ତାହ ହେଲାଣି ତୈଳ ଯୋଗାଣ ଯୁଦ୍ଧ ପୂର୍ବ ସମୟ ସ୍ତର ପାଖାପାଖି ଫେରିଆସିଛି। କିନ୍ତୁ ତୈଳରୁ ଉତ୍ପାଦନ କରାଯାଉଥିବା ଉତ୍ପାଦଗୁଡ଼ିକର ପରିବହନ ବାଧାପ୍ରାପ୍ତ ହୋଇରହିଛି। ଇରାନ ତରଫରୁ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଆକ୍ରମଣ କରାଯାଉଥିବା ବେଳେ ଇରାନ ସମର୍ଥିତ ହୁତିମାନେ ସାଉଦିଆରବକୁ ଟାର୍ଗେଟ୍ କରି ଆକ୍ରମଣ କରୁଛନ୍ତି। ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରିବାକୁ ଆମେରିକା ଓ ଇସ୍ରାଏଲ ମିଳିତ ରଣନୀତି ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି।ମଧ୍ୟପ୍ରାଚ୍ୟରେ ସଙ୍କଟ ଯେତିକି ବଢ଼ିବ, ତାହାର ସିଧାସଳଖ ପ୍ରଭାବ ତୈଳ ବଜାର ଉପରେ ପଡ଼ିବ।

## ୨ ମାସର ନିମ୍ନସ୍ତରରେ ସୁନା ଦର

ନୂଆଦିଲ୍ଲୀ, ୨୨।୧୦: ଧନତେରସ୍ ପୂର୍ବରୁ ସୁନା ଦରରେ ହ୍ରାସ ଘଟିଛି। ଅନ୍ତର୍ଜାତୀୟ ବଜାରରେ ସୁନା ଦର ଦୁଇ ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି। ସ୍ପଟ୍ ସୁନାର ଆଉନ୍ସ ପିଛା ଦାମ୍ ୪୦୬୦ ଡଲାର ହୋଇଛି। ଅଶୋଧିତ ତୈଳ ଦରବୃଦ୍ଧି ଓ ଦରଦାମକୁ ନେଇ ଚିନ୍ତା ବଢ଼ିଥିବା ବେଳେ ସୁନା ଦରରେ ହ୍ରାସ ଘଟିଛି। ରୁପାର ଆଉନ୍ସ ପିଛା ଦର ୫୫.୭୨ ଡଲାର, ପ୍ଲାଟିନମ୍ ୧୫୮୧.୭୩ ଡଲାର ଓ ପାଲାଡିୟମ୍ ଦର ୧୦୫୯.୭୫ ଡଲାରକୁ ହ୍ରାସ ପାଇଛି। ଏଏନଜେଡର ଆନାଲିଷ୍ଟ ସୋନି କୁମାରୀ କହିଛନ୍ତି, ବିଶ୍ୱ ଶକ୍ତି ବଜାରରେ ଅନିଶ୍ଚିତତା ଲାଗି ରହିଥିବାରୁ ସୁନା ଦର ଆହୁରି ତଳକୁ ଯିବାର ସମ୍ଭାବନା ରହିଛି। ସାଧାରଣତଃ ଦରବୃଦ୍ଧି, ସୁଧ ହାର ବୃଦ୍ଧି ଓ ବୈଶ୍ୱିକ ଅନିଶ୍ଚିତତା ସମୟରେ ନିବେଶକମାନେ ସୁନା କିଣିବାକୁ ପସନ୍ଦ କରିଥାନ୍ତି। ଗୁରୁବାର ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ଦାମ୍ ୧୫୫୦ ଟଙ୍କା ହ୍ରାସ ପାଇ ୧,୩୨,୩୫୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ୧୭୦୦ ଟଙ୍କା ହ୍ରାସ ପାଇ ୧,୪୪,୩୮୦ ଟଙ୍କା ହୋଇଛି। ଚଳିତ ମାସରେ ସୁନା ଦରରେ ପ୍ରାୟ ୪୦୦୦ ଟଙ୍କାର ହ୍ରାସ ହୋଇଛି। ଗତ ଦୁଇଦିନ ଧରି ଏହାର ଦାମ୍ ଲଗାତାର ଭାବେ ହ୍ରାସ ପାଉଛି।

### ଭୋଟ୍ ଚୋରି ପ୍ରସଙ୍ଗରେ ରାହୁଲଙ୍କ ଉପରେ ବର୍ଷିଲେ ଶାହ

# ୩୦ ବର୍ଷ ଯାଏଁ କଂଗ୍ରେସର ନମ୍ବର ଆସିବନି

ନୂଆଦିଲ୍ଲୀ, ୨୨।୧୦: ବିରୋଧୀଙ୍କ ଭୋଟ ଚୋରି ଅଭିଯୋଗ ଉପରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ସାହ ପାଲଟା ଜବାବ ଦେଇଛନ୍ତି । ଶାହ କହିଛନ୍ତି ଯେ ରାହୁଲ ଗାନ୍ଧୀ ସ୍ୱପ୍ନ ଦେଖୁଛନ୍ତି ଏବଂ କିଛି ବି ଅଭିଯୋଗ ଲଗାଉଛନ୍ତି । ଆଗାମୀ ୩୦ ବର୍ଷ ଯାଏ ଆପଣଙ୍କ ନମ୍ବର ଆସିବ ନାହିଁ । ଉଲ୍ଲେଖଯୋଗ୍ୟ ଯେ ଅମିତ୍ ଶାହ ଗୁରୁବାର ଯମୁନା ନଦୀର ସଫେଇ ପାଇଁ ୮୯୪୧ କୋଟି ଟଙ୍କା ପରିଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସମ୍ବୋଧନନ କରି ଗୃହମନ୍ତ୍ରୀ ଶାହ ବିରୋଧୀଙ୍କ ଉପରେ ଜୋରଦାର ବର୍ଷିଛନ୍ତି। ଶାହ କହିଛନ୍ତି, କଂଗ୍ରେସ ଏବଂ ତାର ସହଯୋଗୀ ବିଜେପି ଉପରେ ଭୋଟ ଚୋରିର ଅଭିଯୋଗ ଆଣୁଛନ୍ତି, କିନ୍ତୁ ସେମାନେ ନିଜେ ଅନେକ ରାଜ୍ୟରେ ଦଶନ୍ଧିରୁ ଅଧିକ ସମୟ ହେଲା କ୍ଷମତାରୁ ବାହାରେ ଅଛନ୍ତି । ଗୃହମନ୍ତ୍ରୀ କହିଛନ୍ତି ଯେ କଂଗ୍ରେସ ନିର୍ବାଚନରେ ହାରିବା ପରେ କେବେ ଇଭିଏମ୍ ତ ପୁଣି କେବେ ଭୋଟର ଲିଷ୍ଟ ଏବଂ ନିର୍ବାଚନ ଆୟୋଗଙ୍କ ଉପରେ ପ୍ରଶ୍ନ ଉଠାଉଛି । ଶାହ ଅଭିଯୋଗ କରିଛନ୍ତି,





ରାହୁଲ ଗାନ୍ଧୀ ଏବଂ ତାଙ୍କ ସହଯୋଗୀ ଅନୁପ୍ରବେଶକାରୀଙ୍କ ଭୋଟ ବଞ୍ଚାଇବା ପାଇଁ ଭୋଟ୍ ଚୋରି ପ୍ରସଙ୍ଗ ଉଠାଉଛନ୍ତି। ଦେଶର ଜନତା ଏବେ କଂଗ୍ରେସର ରାଜନୀତିକୁ ବୁଝିସାରିଛନ୍ତି । କଂଗ୍ରେସ ଜାଣି ରଖିବା ଦରକାର ଯେ ନିର୍ବାଚନରେ ପରାଜୟ ପାଇଁ ପ୍ରତ୍ୟେକ ଥର ଇଭିଏମ୍ କିମ୍ବା ନିର୍ବାଚନ ଆୟୋଗଙ୍କୁ ଦାୟୀ କରାଯାଇପାରିବ ନାହିଁ। ବିଜେପି ଜନତାଙ୍କ ସମର୍ଥନରେ ନିର୍ବାଚନ ଜିତୁଛି। ଶାହ କହିଛନ୍ତି, 'ଆଜି, ଏହି ମଞ୍ଚରୁ, ମୁଁ କଂଗ୍ରେସ ଏବଂ ଏହାର ସହଯୋଗୀମାନଙ୍କୁ କହିବାକୁ ଚାହୁଁଛି ଯେ ଆପଣ କେବେ ଇଭିଏମ୍ ପ୍ରସଙ୍ଗ ଉଠାନ୍ତି, କେବେ ଭୋଟ ଚୋରି ପ୍ରସଙ୍ଗ ଉଠାନ୍ତି। କିନ୍ତୁ ମୁଁ ଆପଣଙ୍କୁ କହୁଛି, ବିଜେପି କେନ୍ଦ୍ରରେ ମୋଦି ସରକାର ଗଠନ କରିବା ପୂର୍ବରୁ, ଆପଣ ଅନେକ ରାଜ୍ୟରେ ସଫା ହୋଇ ସାରିଥିଲେ। ଆପଣ ୪୧ ବର୍ଷ ଧରି ଗୁଜରାଟରେ ସରକାର ଗଠନ କରିନାହାନ୍ତି, ଆପଣ ଗୋଟିଏ ବି ନିର୍ବାଚନ ଜିତି ନାହାନ୍ତି । ଆପଣ ୪୧ ବର୍ଷ ଧରି ଉତ୍ତର ପ୍ରଦେଶରେ ନିର୍ବାଚନ ଜିତି ନାହାନ୍ତି, ଆପ ୫୪ ବର୍ଷ ଧରି ବଙ୍ଗଳାରେ ନିର୍ବାଚନ ଜିତି ନାହାନ୍ତି, ଆପଣ ୬୪ ବର୍ଷ ଧରି ତାମିଲନାଡୁରେ ନିର୍ବାଚନ ଜିତି ନାହାନ୍ତି, ଆପଣ ୨୮ ବର୍ଷ ଧରି ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ପୂର୍ଣ୍ଣ ବହୁମତ ସରକାର ଗଠନ କରି ନାହାନ୍ତି । ଆପଣ ୧୨ ବର୍ଷ ଧରି ଅରୁଣାଚଳ ପ୍ରଦେଶରେ ନିର୍ବାଚିତ ହୋଇନାହାନ୍ତି, ୧୩ ବର୍ଷ ଧରି ମିଜୋରାମରେ ନିର୍ବାଚିତ ହୋଇନାହାନ୍ତି, ୧୪ ବର୍ଷ ଧରି ମଣିପୁରରେ ନିର୍ବାଚିତ ହୋଇନାହାନ୍ତି, ୧୮ ବର୍ଷ ଧରି ଦିଲ୍ଲୀରେ ନିର୍ବାଚିତ ହୋଇନାହାଁନ୍ତି, ଏବଂ ଆପଣ ୧୨ ବର୍ଷ ଧରି ଆସାମରେ ନିର୍ବାଚିତ ହୋଇନାହାନ୍ତି । ମୋଦି କ୍ଷମତାକୁ ଆସିବା ପୂର୍ବରୁ କ'ଣ ଏସବୁ ଆରମ୍ଭ ହୋଇଥିଲା ?'କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, 'ଯେତେବେଳେ ମୁଁ କହେ ଯେ ବିଜେପି ୩୦ ବର୍ଷ ପାଇଁ କ୍ଷମତାରେ ରହିବ, ସେମାନେ ଜନତାଙ୍କୁ କୁହନ୍ତି, 'ଦେଖ, ଭୋଟ ଚୋରି ହୋଇଛି, ନଚେତ୍ ଅମିତ ଶାହ କିପରି ଜାଣିଲେ ?' ଅମିତ ଶାହ ଏଇଠି ଜନ୍ମଗ୍ରହଣ କରିଛି, ଏଠାରେ ରୁହୁଛି ଏବଂ ଏଠାରେ ମରିବ । ପ୍ରତି ଛଅ ମାସରେ ମୋତେ ବିଦେଶ ଯିବାକୁ ପଡ଼ିବ ନାହିଁ । ମୁଁ ଏହି ଦେଶର ଲୋକଙ୍କ ଭିତରେ ରହୁଛି । ତୁମେ ଯେଉଁ ନକାରାତ୍ମକ ରାଜନୀତି କରୁଛ ତାହା ଆଧାରରେ ମୁଁ କହୁଛି ଯେ ଆଗାମୀ ୩୦ ବର୍ଷ ଯାଏ ୨୦୧୪ରୁ ୩୦ ପର୍ଯ୍ୟନ୍ତ କେବେ ସରକାର ଗଠନ କରିପାରିବ ନାହିଁ ।'

## ସୁରକ୍ଷା କାରଣରୁ ଦିଲ୍ଲୀରେ ଦିଲ୍‌ଜିତଙ୍କ ମ୍ୟୁଜିକ କନସର୍ଟକୁ ମିଳିଲାନି ଅନୁମତି



ନୂଆଦିଲ୍ଲୀ, ୨୨।୧୦: ସୁରକ୍ଷା କାରଣ ଦର୍ଶାଇ ଗାୟକ ଦିଲଜିତ ଦୋସାଞ୍ଜଙ୍କ ମ୍ୟୁଜିକ କନସର୍ଟକୁ ଅନୁମତି ଦେଲାନି ଦିଲ୍ଲୀ ପୋଲିସ। ଅକ୍ଟୋବର ୩୦ ତାରିଖରେ ଦିଲ୍ଲୀର ଜବାହାରଲାଲ ନେହରୁ ଷ୍ଟାଡିୟମ୍‌ରେ ଦିଲଜିତଙ୍କର ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ହେବାର ଥିଲା। ଏନେଇ ଦିଲ୍ଲୀ ପୁଲିସକୁ ଅନୁମତି ମାଗିବାରୁ ପୋଲିସ ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କହିଛି। ଦିଲ୍ଲୀ ପୋଲିସର ଏଭଳି ନିଷ୍ପତ୍ତି ପରେ ଦିଲ୍‌ଜିତଙ୍କର ଲାଇଭ ସଂଗୀତ ପରିବେଷଣ ଦେଖିବାକୁ ଆଗ୍ରହ ଥିବା ହଜାର ହଜାର ଫ୍ୟାନ ନିରାଶ ହୋଇଛନ୍ତି। ତେବେ ଏହି ମ୍ୟୁଜିକ କନସର୍ଟ ପାଇଁ କେତେ ଟଙ୍କା ଟିକେଟ୍ ହୋଇଥିଲା। ଆଦାୟ ଟିକେଟ ଫ୍ୟାନଙ୍କୁ ଫେରାଗଲା କି ନାହିଁ ସେ ନେଇ କୌଣସି ଅପଡେଟ୍ ଆସି ନାହିଁ। ରିପୋର୍ଟ ଅନୁସାରେ ଏହି ପ୍ରସଙ୍ଗରେ ଦକ୍ଷିଣ ଦିଲ୍ଲୀ ଡିସିପିଙ୍କ ଅଫିସରୁ ଏକ ଚିଠି ଟିକେଟ ବୁକିଂ ପ୍ଲାଟଫର୍ମ 'ବୁକ ମାଇଁ ଶୋକୁ' ପଠାଯାଇଥିଲା। ଏଥିରେ ଲେଖାଯାଇଥିଲା ଯେ ଦିଲଜିତଙ୍କ 'ଅରା ଇଣ୍ଡିଆ ଟୁର୍' କାର୍ଯ୍ୟକ୍ରମର ଦିଲ୍ଲୀ ପର୍ଯ୍ୟାୟ ପାଇଁ କରାଯାଇ ଅନୁରୋଧକୁ ଭଲଭାବରେ ଯାଞ୍ଚ କରାଗଲା। ହେଲେ ଅନୁମତି ଦିଆଯାଇ ନାହିଁ। ଏଥିରେ କୁହାଯାଇଛି ଯେ ବିପଦ ସୃଷ୍ଟି ହେବାର ବିଶେଷ ସୂଚନା ରହିଛି। ଏହା ବାଦ ପାର୍ବଣ ସମୟରେ ଶାନ୍ତିଶୃଙ୍ଖଳା କାମରେ ପୁଲିସ ବ୍ୟସ୍ତ ରହିଛି। ତେଣୁ ଏଭଳି ସମୟରେ ଅନୁମତି ଦେବା ଅନୁଚିତ ବୋଲି ଚିଠିରେ କୁହାଯାଇଛି। ଦିଲଜିତ ତାଙ୍କ କାର୍ଯ୍ୟକ୍ରମ ନେଇ ପୂର୍ବରୁ ଘୋଷଣା କରିସାରିଥିଲେ। ଅକ୍ଟୋବର ୩୦ ତାରିଖରେ କାର୍ଯ୍ୟକ୍ରମ ହେବ ବୋଲି ତାଙ୍କ ଟିମ ସୋସିଆଲ୍ ମିଡିଆରେ ପୋଷ୍ଟ କରି ସୂଚନା ଦେଇଥିଲା। ୟୁରୋପ ଓ ଉତ୍ତର ଆମେରିକାର କାର୍ଯ୍ୟକ୍ରମ କରିବା ପରେ ଦିଲଜିତ ତାଙ୍କ 'ଅରା ଟୁର'ର ଭାରତ ସଂସ୍କରଣକୁ ଘୋଷଣା କରିଥିଲେ। ଅକ୍ଟୋବର ୩୦ ତାରିଖରୁ ଏହା ଆରମ୍ଭ ହୋଇଥାନ୍ତା।ଏଥିପାଇଁ ଅକ୍ଟୋବର ୬ ତାରିଖରୁ ଟିକେଟ ବୁକିଂ ଆରମ୍ଭ ହୋଇଥିଲା। ଦିଲ୍ଲୀର ଜବାହାରଲାଲ ନେହରୁ ପରେ ନଭେମ୍ବର ୧ରୁ ଦିଲ୍ଲୀ ଏନ୍‌ସିଆର, ନଭେମ୍ବର ୧୫ରେ ଇନ୍ଦୋର ୨୧ ତାରିଖରେ ଅହମଦାବାଦ, ୨୭ରେ ମୁମ୍ବାଇ, ୨୯ରେ ବେଙ୍ଗାଲୁରୁ ଓ ଡିସେମ୍ବର ୫ ତାରିଖରେ ଲକ୍ଷ୍ନୌରେ ତାଙ୍କ ଶୋ ଆୟୋଜିତ ହୋଇଥାନ୍ତା।

## ମଣିଷ ଶରୀରରେ ସାମୋଣ୍ଡା ଭାଇରସ୍ ଚିହ୍ନଟ

ନୂଆଦିଲ୍ଲୀ, ୨୨।୧୦: ଫ୍ରାନ୍ସରେ ପ୍ରଥମ ଥର ମଣିଷଠାରେ ସାମୋଣ୍ଡା ନାମକ ଭାଇରସ୍ ଚିହ୍ନଟ କରାଯାଇଛି । ଏହି ଭାଇରସ୍ ମୁଖ୍ୟତଃ ପଶୁଙ୍କ ଠାରେ ଦେଖାଯାଇଥାଏ । ମେଡିକାଲ୍ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ରୋଗୀ ଜଣକ ସାମୋଣ୍ଡା ଭୂତାଣୁରେ ସଂକ୍ରମିତ ହେବା ପରେ ତାଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅକ୍ଟୋବର ଆରମ୍ଭରେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଫ୍ରାନ୍ସ ସ୍ୱାସ୍ଥ୍ୟ ବିଭାଗ ଅନୁସାରେ, ସାଧାରଣ ଲୋକଙ୍କ ପାଇଁ ବର୍ତ୍ତମାନ କୌଣସି ପ୍ରକାର ସ୍ୱାସ୍ଥ୍ୟ ସଂକଟ ନାହିଁ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲିଛି । ସେପଟେ ଫ୍ରାନ୍ସର କୃଷି ମନ୍ତ୍ରଣାଳୟ ଏହାକୁ ଏକ ବ୍ୟତିକ୍ରମ ମାମଲା ବୋଲି କହିଛି। ମୃତ ବ୍ୟକ୍ତି ଜଣକ ଗୁରୁତର ଇମ୍ୟୁନୋ କମ୍ପ୍ରୋସିସ୍ ରୋଗରେ ପୀଡ଼ିତ ଥିଲେ । କିନ୍ତୁ ଚିନ୍ତାର ବିଷୟ ଏହା ଯେ, ଏହି ଭାଇରସ୍ ମଣିଷକୁ ସଂକ୍ରମିତ କରେ ନାହିଁ ବୋଲି



ସ୍ୱାସ୍ଥ୍ୟ ବିଶେଷଜ୍ଞ ଧାରଣା ଥିଲା । ବର୍ତ୍ତମାନ ସୁଦ୍ଧା ମିଳିଥିବା ତଦନ୍ତ ରିପୋର୍ଟକୁ ନେଇ ମନ୍ତ୍ରଣାଳୟ କହିଛି, ମୃତ୍ୟୁ ପୂର୍ବରୁ ରୋଗୀଙ୍କ ମସ୍ତିଷ୍କ ସାମୋଣ୍ଡା ଭାଇରସରେ ସଂକ୍ରମିତ ଥିବାର ସମ୍ଭାବନା ବହୁ ଅଧିକ ରହିଛି । ସୂଚନା ଅନୁସାରେ ଭାଇରସ ସଂକ୍ରମଣରେ ମୃତ ବ୍ୟକ୍ତି ଜଣକ ପୂର୍ବ ଫ୍ରାନ୍ସରେ ଏକ କୀଟ କାମୁଡିବା ପରେ ସଂକ୍ରମିତ ହୋଇଥିଲେ । ଏହି ଭାଇରସ୍ ବସନ୍ତ ଏବଂ ଗ୍ରୀଷ୍ମ ଋତୁ ସମୟରେ ପଶୁମାନଙ୍କ ମଧ୍ୟରେ ଏହି ଭାଇରସ୍ ବ୍ୟାପିଥାଏ । ଏହି ଭାଇରସ୍ ମୁଖ୍ୟ ବାହାକ ହେଉଛି କୁଲିକୋଇଡ୍‌ସ୍‌ମିଜଜ୍ ନାମକ ଏକ କୀଟ। ଫ୍ରାନ୍ସର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଂକ୍ରମଣର ପରିସ୍ଥିତି ଉପରେ ଅଧିକ ଗବେଷଣା କରୁଛନ୍ତି । ନୈଦାନିକ, ପରୀକ୍ଷାଗାର ଏବଂ ମହାମାରୀ ଦିଗରେ ଏହାର ତଦନ୍ତ ଚାଲିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁରୋପୀୟ ରୋଗ ନିବାରଣ ଏବଂ ନିୟନ୍ତ୍ରଣ କେନ୍ଦ୍ର ସହ ମିଶି ଫ୍ରାନ୍ସ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାର ତଦନ୍ତ କରୁଛନ୍ତି । ସାମୋଣ୍ଡା ଭାଇରସ୍ ହେଉଛି ଅର୍ଥୋବୁନିଆଭାଇରସ୍ ଗୋଷ୍ଠୀର ଭାଇରସ୍। ଏହା ମୁଖ୍ୟତଃ ପଶୁପାଳନ ସହିତ ଜଡିତ। ବିଶେଷକରି ଏହାର ବାହାର କୀଟ ଗୋରୁମାନଙ୍କୁ କାମୁଡ଼ିବା ଦ୍ୱାରା ସଂକ୍ରମିତ ହୁଏ। ଏହି ଭାଇରସ୍ ପ୍ରଥମେ ୧୯୬୦ ଦଶକର ମଧ୍ୟଭାଗରେ ନାଇଜେରିଆରେ ଚିହ୍ନଟ ହୋଇଥିଲା । ସେବେଠାରୁ, ଏହା ଆଫ୍ରିକାର କିଛି ଅଂଶ ଏବଂ ଜାପାନରେ ପଶୁମାନଙ୍କଠାରେ ଚିହ୍ନଟ ହୋଇଛି।

### ୟୁଜର୍ସଙ୍କୁ ଭୁଲ୍ ତଥ୍ୟ ଦେଇ ଫସିଲା ମେଟା

## ଲାଗିଲା ୨.୩ ଲକ୍ଷ କୋଟି ଟଙ୍କାର ଜରିମାନା

ନୂଆଦିଲ୍ଲୀ, ୨୨।୧୦: ସୋସିଆଲ ମିଡିଆ କମ୍ପାନୀ ମେଟାକୁ ବଡ଼ ଝଟ୍‌କା ଲାଗିଛି । ଆମେରିକା ଇତିହାସରେ ସବୁଠାରୁ ଅଧିକ ଜରିମାନା ଦେବ ମେଟା। ବ୍ୟବହାରକାରୀଙ୍କୁ ବ୍ୟକ୍ତିଗତ ଡାଟା ଗୋପନୀୟତାକୁ ନେଇ ଭୁଲ ସୂଚନା ଦେଇଥିବାରୁ ମେଟା ଉପରେ ଲାଗିଛି ମୋଟା ଅଙ୍କର ଜରିମାନା । ଆମେରିକାର ନ୍ୟୁ ମେକ୍ସିକୋ ରାଜ୍ୟର ଏକ କୋର୍ଟ ମେଟା ଉପରେ ୨୫ ବିଲିୟନ ଡଲାର ବା ପ୍ରାୟ ୨.୩ ଲକ୍ଷ କୋଟି ଟଙ୍କାର ଜରିମାନା ଲଗାଇଛନ୍ତି। ଆମେରିକା ଇତିହାସରେ କୌଣସି କମ୍ପାନୀ ଉପରେ ଲଗାଯାଇଥିବା ଜରିମାନା ଠାରୁ ଏହା ଅଧିକ। ଏହି ମାମଲାଟି ୨୦୧୮ ମସିହାରେ ସାମ୍ନାକୁ ଆସିଥିବା ଚର୍ଚ୍ଚିତ 'କାମ୍ବ୍ରିଜ୍ ଆନାଲିଟିକା' ଦୁର୍ନୀତି ସହ ଜଡ଼ିତ। ବ୍ରିଟେନର ଏହି ରାଜନୈତିକ କନ୍‌ସଲଟିଂ ଫାର୍ମ ବିନା କୌଣସି ଅନୁମତିରେ ଲକ୍ଷ ଲକ୍ଷ ଫେସବୁକ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରିଥିଲା। ଏହି ତଥ୍ୟକୁ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନ ସମୟରେ ଟ୍ରମ୍ପଙ୍କ ନିର୍ବାଚନୀ ପ୍ରଚାର ପାଇଁ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ୨୦୨୧ ମସିହାରେ ନ୍ୟୁ ମେକ୍ସିକୋର ଆଟର୍ଣ୍ଣି ଜେନେରାଲ ମେଟା ବିରୋଧରେ ଏହି ମାମଲା ଦାୟର କରିଥିଲେ। ବ୍ୟବହାରକାରୀଙ୍କ ତଥ୍ୟ ପାଖକୁ ତୃତୀୟ ପକ୍ଷ ସହଜରେ ପହଞ୍ଚିପାରୁଛନ୍ତି ବୋଲି ଜାଣି ମଧ୍ୟ ମେଟା ନିଜ ୟୁଜରଙ୍କୁ ଏହି ବିପଦ ବିଷୟରେ ସଠିକ୍ ସୂଚନା ଦେଇନଥିଲା। ରିପୋର୍ଟ ଅନୁଯାୟୀ, ନ୍ୟୁ ମେକ୍ସିକୋର ଜଜ୍ ଫ୍ରାନ୍ସିସ୍ ମ୍ୟାଥ୍ୟୁ ଏହି ଜରିମାନା ଲଗାଇଛନ୍ତି।

## ସାଉଦୀ ବିମାନ ବନ୍ଦର ଉପରେ ଆକ୍ରମଣ ଜଣେ ଭାରତୀୟଙ୍କ ସମେତ ୨ ମୃତ

ନୂଆଦିଲ୍ଲୀ, ୨୨।୧୦: ସାଉଦୀ ଆରବ ପୂର୍ବାଞ୍ଚଳ ସହର ଦମମଠାରେ ଥିବା କିଙ୍ଗ ଫହଦ୍ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଉପରେ ହୁତୀ ବିଦ୍ରୋହୀଙ୍କ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରୁ ଜଣେ ସାଉଦୀ ନଗରିକ ହୋଇଥିବା ବେଳେ ଅନ୍ୟ ଜଣକ ଭାରତୀୟ । ତେବେ ଭାରତୀୟ ନାଗରିକଙ୍କ ସବିଶେଷ ବିବରଣୀ ହସ୍ତଗତ ହୋଇପାରିନାହିଁ। ସାଉଦୀ ଆରବର ଜେନେରାଲ ଅଥରିଟି ଅଫ ସିଭିଲ ଆଭିଏସନ(ଜିଏସିଏ) ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି । ଗତ ସପ୍ତାହରେ ରିଆଦ ସ୍ଥିତ କିଙ୍ଗ ଖାଲିଦ ଆନ୍ତର୍ଜାତୀୟ ବିମାନ ବନ୍ଦର ହୁତୀ ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁ ଜଣେ ଭାରତୀୟଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ।

## ବିଜେପିର ରଣନୀତିକୁ ସମାଲୋଚନା କଲେ କେ. ଆନ୍ନାମଲାଇ

ନୂଆଦିଲ୍ଲୀ, ୨୨।୧୦: କେନ୍ଦ୍ରର ବିଜେପି ସରକାରଙ୍କୁ ଜୋରଦାର ଟାର୍ଗେଟ କରିଛନ୍ତି ତାମିଲନାଡୁ ବିଜେପିର ପୂର୍ବତନ ସଭାପତି କେ. ଆନ୍ନାମଲାଇ । ବିରୋଧୀଙ୍କ ସ୍ୱରକୁ ଦମନ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ଜୁନ୍‌ରେ ବିଜେପି ଛାଡ଼ି 'ୱି ଦ ଲିଡର୍ସ' ନାମକ ଆଞ୍ଚଳିକ ସଂଗଠନ ଗଠନ କରିଛନ୍ତି ଆନ୍ନାମଲାଇ । ତାମିଲନାଡୁରେ ଦିନେ ବିଜେପିର ବଡ଼ ଚେହେରା ଥିବା ଆନ୍ନାମଲାଇ ଏବେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। ସେ କହିଛନ୍ତି, ୧୨ ବର୍ଷ ଧରି କ୍ଷମତାରେ ରହିବା ପରେ ମଧ୍ୟ ବିଜେପି ନୂଆ ଶତ୍ରୁ ସୃଷ୍ଟି କରୁଛି । ନୂଆଦିଲ୍ଲୀରେ କକ୍ରୋଚ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ଦମନ କରାଯାଉଛି ବୋଲି ଆନ୍ନାମଲାଇ ଅଭିଯୋଗ କରି ଏକ୍ସରେ ଏକ ଲମ୍ବା ପୋଷ୍ଟ କରିଛନ୍ତି । ଆନ୍ନାମଲାଇ ନିଜ ପୋଷ୍ଟରେ ୨୦୧୧ ମସିହାରେ ଦିଲ୍ଲୀର ରାମଲୀଳା ମୈଦାନରେ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନ ଉପରେ ପୋଲିସର ଚଢ଼ାଉକୁ ନେଇ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ବିବୃତ୍ତିକୁ ମନେ ପକାଇଛନ୍ତି। ସେହି ସମୟରେ ମୋଦି କହିଥିଲେ ଯେ,'ଯଦି ମୋ ହାତ ବନ୍ଧା ହୋଇନଥାନ୍ତା, ତେବେ ମୁଁ ଦିଲ୍ଲୀ ଯାଇ କେନ୍ଦ୍ର ସରକାରଙ୍କ ବିରୋଧରେ ସଂଗ୍ରାମ କରିଥାନ୍ତି।'ଆନ୍ନାମଲାଇ କହିଛନ୍ତି ଯେ, ୨୦୧୧ ମସିହାରେ ମୋଦୀଙ୍କର ସେହି ଆଭିମୁଖ୍ୟ ସମ୍ପୂର୍ଣ୍ଣ ସଠିକ୍ ଥିଲା। କିନ୍ତୁ ଆଜି ସେହି ସମାନ ପ୍ରଶ୍ନ କଲେ ସାଧାରଣ ନାଗରିକଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜେଲରେ ରଖାଯାଉଛି । ଜାମିନ ନାକଚ କରାଯାଉଛି ଏବଂ ଆଇନଗତ ପ୍ରକ୍ରିୟାକୁ ବାଇପାସ୍ କରାଯାଉଛି। ସେ ଲେଖିଛନ୍ତି, 'ଆପଣ ଯଦି ଗଣତନ୍ତ୍ରରେ ଆଇନଗତ ପ୍ରକ୍ରିୟାର ଉଲ୍ଲଂଘନ ଉପରେ ପ୍ରଶ୍ନ କରିବେ, ତେବେ ଆପଣଙ୍କୁ ଆକ୍ରମଣର ଶିକାର ହେବାକୁ ପଡ଼ିବ।

## ଭାରତକୁ ପ୍ରଶଂସା କଲେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୨।୧୦: ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଆଜି ଭାରତକୁ 'ଆଶାର ଆଲୋକବର୍ତ୍ତିକା' କହି ପ୍ରଶଂସା କରିଛନ୍ତି। ଅନ୍ତର୍ଜାତୀୟ ବାଣିଜ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ନୂଆଦିଲ୍ଲୀରେ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ଆଲୋଚନା ପରେ ଟସ୍କ ଭାରତ-ପୋଲାଣ୍ଡ ରଣନୈତିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ନେଇ ଆଶା ପ୍ରକାଶ କରିଛନ୍ତି। ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ମିଳିତ ପ୍ରେସ୍ ବିବୃତି ଜାରି କରି ଟସ୍କ ରାଜନୈତିକ ଅସ୍ଥିରତା ସମୟରେ ବିଶ୍ୱସ୍ତରରେ ଭାରତର ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପ୍ରଶଂସା କରିଥିଲେ। ସେ କହିଥିଲେ, 'ପ୍ରଧାନମନ୍ତ୍ରୀ ମହୋଦୟ, ଭାରତ ଭଳି ଏକ ଶକ୍ତିଶାଳୀ ଦେଶରେ ଆପଣଙ୍କ ଭଳି ନେତା ଆମ ସମସ୍ତଙ୍କ ପାଇଁ ଆଶାର ଆଲୋକବର୍ତ୍ତିକା।

## 'କେବଳ ବିବାହ ପାଇଁ 'ଧର୍ମ ପରିବର୍ତ୍ତନ'କୁ ଅନୁମତି ଦିଆଯାଇପାରିବ ନାହିଁ'

ମୁମ୍ବାଇ, ୨୨।୧୦: ବିବାହ ଲାଗି ଧର୍ମ ପରିବର୍ତ୍ତନ ପ୍ରସଙ୍ଗକୁ ନେଇ ବମ୍ବେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। କେବଳ ବିବାହ ଉଦ୍ଦେଶ୍ୟରେ ଧର୍ମ ପରିବର୍ତ୍ତନକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି । ତେବେ କୋର୍ଟ, ନାଗରିକଙ୍କ ସ୍ୱେଚ୍ଛାକୃତ ଧର୍ମ ପରିବର୍ତ୍ତନ ସ୍ୱାଧୀନତାକୁ ସ୍ୱୀକାର କରିଛନ୍ତି । ମହାରାଷ୍ଟ୍ର ସରକାରଙ୍କ ନୂଆ ଧର୍ମାନ୍ତରୀକରଣ ବିରୋଧୀ ଆଇନର ସାମ୍ବିଧାନିକ ବୈଧତାକୁ ନେଇ ଦାୟର ଆବେଦନର ଶୁଣାଣି କରି କୋର୍ଟ 'ଧର୍ମ ପରିବର୍ତ୍ତନ' ଉପରେ କହିଛନ୍ତି। ମହାରାଷ୍ଟ୍ରର ଏହି ନୂଆ ଆଇନ୍ ଅନୁଯାୟୀ, ବଳପୂର୍ବକ, ପ୍ରଲୋଭନ, ପ୍ରତାରଣା



କିମ୍ବା କେବଳ ବିବାହ ଉଦ୍ଦେଶ୍ୟରେ କରାଯାଉଥିବା ଧର୍ମାନ୍ତରୀକରଣକୁ ଅପରାଧ ଭାବରେ ଗ୍ରହଣ କରାଯାଇଛି। ଏହି ଆଇନର ଧାରା ୬ ଅନୁଯାୟୀ, ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ୬୦ ଦିନ ପୂର୍ବରୁ ପ୍ରଶାସନକୁ ନୋଟିସ ଦେବା ବାଧ୍ୟତାମୂଳକ । ଠାଣେର ଜଣେ ୭୦ ବର୍ଷୀୟ ଇସଲାମିକ ପ୍ରଚାରକ ଏହି ଆଇନ ବିରୋଧରେ ହାଇକୋର୍ଟରେ ପିଟିସନ ଦାୟର କରିଥିଲେ। ସମ୍ବିଧାନର ଧାରା ୨୫ ଅନୁଯାୟୀ ମିଳିଥିବା ଧର୍ମ ପ୍ରଚାରର ସ୍ୱାଧୀନତାକୁ ଏହି ଆଇନ ସଙ୍କୁଚିତ କରୁଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ମୁଖ୍ୟ ବିଚାରପତି ମାହେଶ ସି. ତ୍ରିପାଠୀ ଏବଂ ବିଚାରପତି ଅଦ୍ୱୈତ ସେଠନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ସମାଜର ଧର୍ମନିରପେକ୍ଷତା ରକ୍ଷା କରିବା ଏବଂ ବଳପୂର୍ବକ ଧର୍ମାନ୍ତରୀକରଣକୁ ରୋକିବା ଏହି ଆଇନର ମୂଳ ଉଦ୍ଦେଶ୍ୟ। ସରକାର କେବଳ ବଳପୂର୍ବକ କିମ୍ବା ଚାପ ପକାଇ କରାଯାଉଥିବା ଧର୍ମାନ୍ତରୀକରଣକୁ ନେଇ ଚିନ୍ତିତ। ପ୍ରତ୍ୟେକ ବ୍ୟକ୍ତିଙ୍କର ଧର୍ମ ପରିବର୍ତ୍ତନ କରିବାର ସ୍ୱାଧୀନତା ରହିଛି। କିନ୍ତୁ କେବଳ ବିବାହ କରିବା ଉଦ୍ଦେଶ୍ୟରେ ଧର୍ମ ପରିବର୍ତ୍ତନକୁ ଅନୁମତି ଦିଆଯାଇପାରିବ ନାହିଁ। ସେପଟେ ଆବେଦନକାରୀଙ୍କ ଆବେଦନ ପ୍ରମାଣ ଉପରେ ଆଧାରିତ ନୁହେଁ ବୋଲି କୋର୍ଟ କହିଛନ୍ତି। ପରେ ନିଜର ଆବେଦନ ପ୍ରତ୍ୟାହାର କରିନେଇଛନ୍ତି ଆବେଦନକାରୀ ।

### ତନରଡ଼ାରେ ଜୁଆ ଆଡ୍ଡା ଉପରେ ପୁଲିସର ଚଢ଼ଉ

## ୧୩ ଅଟକ: ଟଙ୍କା, ମୋବାଇଲ୍ ଓ ଗାଡ଼ି ଜବତ



ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ଥାନା ପୁଲିସ ପକ୍ଷରୁ ଗୁରୁବାର ପାଟ୍ରୋଲିଂ ସମୟରେ ତନରଡ଼ା ଗ୍ରାମରେ ଏକ ଜୁଆ ଆଡ୍ଡା ଠାବ କରାଯାଇଛି । ଏହି ଘଟଣାରେ ପୁଲିସ ୧୩ ଜଣଙ୍କୁ ଅଟକ ରଖିବା ସହ ନଗଦ ଟଙ୍କା, ମୋବାଇଲ୍ ଫୋନ୍ ଓ ଗାଡ଼ି ଜବତ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ପାଟ୍ରୋଲିଂ ବେଳେ ତନରଡ଼ା ଗ୍ରାମରେ ଜୁଆ ଖେଳ ଚାଲିଥିବା ଜଣାପଡ଼ିବା ପରେ ପୁଲିସ ଟିମ୍ ଚଢ଼ଉ କରିଥିଲା । ଏହି ସମୟରେ ଜୁଆ ଖେଳରେ ସମ୍ପୃକ୍ତ ଥିବା ଅଭିଯୋଗରେ ୧୩ ଜଣଙ୍କୁ ଅଟକ ରଖାଯାଇଥିଲା । ଘଟଣାସ୍ଥଳରୁ ୪୦ ହଜାର ୨୯୧ ଟଙ୍କା ନଗଦ ଅର୍ଥ, ୭ ସେଟ୍ ତାସ୍, ୧୧ଟି ମୋବାଇଲ୍ ଫୋନ୍, ଚାବି ସହ ଦୁଇଟି ମୋଟରସାଇକେଲ୍ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି । ଏହି ଘଟଣାକୁ ନେଇ ବେଲଗୁଣ୍ଠା ଥାନାରେ କେସ୍ ନମ୍ବର ୫୮୧, ତାରିଖ ୨୨ ଅକ୍ଟୋବର ୨୦୨୬ରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୨୯୬, ୩୫୧(୨), ୨୨୧ ଏବଂ ଓଡ଼ିଶା ପ୍ରିଭେନସନ୍ ଅଫ୍ ଗ୍ୟାମ୍ବଲିଂ ଆକ୍ଟର ଧାରା ୩ ଅନୁଯାୟୀ ମାମଲା ରୁଜୁ ହୋଇଛି । ଘଟଣାରେ ପୁଲିସ ପକ୍ଷରୁ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉଛି ।

# ନିଖୋଜ ପ୍ରେମୀ ଯୁଗଳଙ୍କ ଗଳିତ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



କୋକସରା/ଧର୍ମଗଡ଼: ୫ ଦିନ ତଳୁ ନିଖୋଜ ଥିବା ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । କୋକସରା ଥାନା ଅନ୍ତର୍ଗତ ବେହେରା ଗ୍ରାମ ନିକଟସ୍ଥିତ ଭଣା ଡଙ୍ଗରି ପାହାଡ଼ ଶୀର୍ଷରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଠାବ ହୋଇଛି । ଉଭୟଙ୍କ ମୃତ୍ୟୁକୁ ନେଇ ହତ୍ୟା ସନ୍ଦେହ ପ୍ରକାଶ ପାଇଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି । ସୂଚନା ଅନୁଯାୟୀ, କୋକସରା ଥାନା ଅନ୍ତର୍ଗତ ଟେଣ୍ଡାପାଲି ଗ୍ରାମର ପ୍ରହ୍ଲାଦ ନାଏକଙ୍କ ପୁଅ ଅଜିତ କୁମାର ନାଏକ ଏବଂ ଧର୍ମଗଡ଼ ସହରର କେନ୍ଦୁମୁଣ୍ଡିପଡ଼ାର ପ୍ରିୟଦର୍ଶିନୀ ନାଏକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା । ଉଭୟ ଭିନ୍ନ ଜାତିର ହୋଇଥିବାରୁ ସେମାନଙ୍କ ସମ୍ପର୍କକୁ ପରିବାର ପକ୍ଷରୁ ସମ୍ମତି ମିଳୁନଥିଲା । ଗତ ୧୭ ତାରିଖ ରାତିରୁ ଉଭୟ ନିଖୋଜ ହୋଇଯାଇଥିଲେ । ଏନେଇ ଉଭୟଙ୍କ ପରିବାର ପକ୍ଷରୁ କୋକସରା ଓ ଧର୍ମଗଡ଼ ଥାନାରେ ଅଭିଯୋଗ କରାଯାଇଥିଲା । ଗୁରୁବାର ସକାଳେ କିଛି ଲୋକ କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିବା ବେଳେ ଗଛରେ ଦୁଇଟି ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ । ଖବର ପ୍ରଚାର ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା । ମୃତଦେହ ଦୁଇଟି ପଚିଯାଇଥିବା ବେଳେ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିହ୍ନଟ କରିଥିଲେ । ମୃତକଙ୍କ ଶରୀରରେ ରକ୍ତର ଚିହ୍ନ ଥିବା ଏବଂ ଉଭୟଙ୍କ ହାତ ପଛପଟେ ବନ୍ଧା ହୋଇଥିବାବାରୁ ଏହା ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ହେଉଛି । ପ୍ରେମ ସମ୍ପର୍କ, ଭିନ୍ନ ଜାତିର ହୋଇଥିବାରୁ ପରିବାର ମଧ୍ୟରେ ଅସହମତି ଏବଂ ଦୁଇଟି ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିବା ଘଟଣାକୁ ଅଧିକ ରହସ୍ୟମୟ କରିଛି । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି । ଖବର ପାଇ ଧର୍ମଗଡ଼ ଓ କୋକସରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ପ୍ରେମୀ ଯୁଗଳଙ୍କ ସନ୍ଦେହଜନକ ମୃତ୍ୟୁର ପ୍ରକୃତ କାରଣ ଏବଂ ଏହା ପଛରେ କାହାର ସମ୍ପୃକ୍ତି ରହିଛି, ତାହା ପୁଲିସର ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି ।

## ନଦୀରେ ଡଙ୍ଗା ବୁଡ଼ି ଜଣେ ମୃତ

ଯାଜପୁର: ଦୁର୍ଗାପୂଜା ଭସାଣ ଦେଖି ଫେରିବା ହେଲା କାଳ । ନଦୀ ପାର ବେଳେ ବୁଡ଼ିଲା ଡଙ୍ଗା । ଜଣେ ମୃତ, ଅନ୍ୟଜଣେ ଉଦ୍ଧାର । ୨ ନିଖୋଜ । ଯାଜପୁର ସଦର ଥାନା ଖରସ୍ରୋତା ତନ୍ତିଘାଇ ନଦୀର ଦଉରୀବନ୍ଧା ଘାଟରେ ବୁଡ଼ିଗଲା ଡଙ୍ଗା । ଦୁର୍ଗାପୂଜା ଭସାଣ ଦେଖିବାକୁ ମହମ୍ମଦ ଜମାଲପୁରର ଏକ ପରିବାର ଓ ସମ୍ପର୍କୀୟ ୪ ଜଣ ଉଆଁରକୂଳ ଗାଁକୁ ଗତକାଲି ଯାଇଥିଲେ । ଗୁରୁବାର ସକାଳ ପ୍ରାୟ ୮ଟା ସମୟରେ ଡଙ୍ଗାରେ ଫେରିବା ବେଳେ ତନ୍ତୀଘାଇ ଶାଖା ନଦୀର ଦଉରୀବନ୍ଧା ଘାଟରେ ଘଟିଥିଲା ଅଘଟଣ । ହଠାତ୍ ଏକ ଗଣ୍ଡରେ ଭାରସାମ୍ୟ ବୁଡ଼ି ଯାଇଥିଲା ଡଙ୍ଗା । ଉଆଁରକୂଳ ଗାଁର ମଣିଆ ଦଳେଇ ନିଜ ସମ୍ପର୍କୀୟ ହେମଲତା ଦଳେଇ, ଭାମା ଦଳେଇ ଓ ଶୁଭଙ୍କର ଦଳେଇଙ୍କୁ ନଦୀ ପାର କରାଉଥିଲେ । ସ୍ଥାନୀୟ ଲୋକେ ହେମଲତା ଓ ଭାମାଙ୍କୁ ଉଦ୍ଧାର କରି ତୁରନ୍ତ ମେଡିକାଲକୁ ନେଇଥିଲେ । ଡଙ୍ଗାରେ ଥିବା ୪ ଜଣଙ୍କ ମଧ୍ୟରୁ ୨ ମହିଳା ଉଦ୍ଧାର ହୋଇଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟଜଣେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ଅନ୍ୟପଟେ ଦୁର୍ଘଟଣାରେ ନିଖୋଜ ୨ଜଣଙ୍କର ଏଯାଏ କୌଣସି ସନ୍ଧାନ ମିଳିପାରିନାହିଁ । ଡଙ୍ଗା ବୁଡ଼ିବାର କାରଣ ଏବଂ ନିଖୋଜ ଦୁଇଜଣଙ୍କ ସନ୍ଧାନ ନେଇ ତଦନ୍ତ ଜାରି ରହିଛି ।

# ଦଶହରା ହତ୍ୟାକାଣ୍ଡର ଅଭିଯୁକ୍ତ ଗିରଫ



ବୁଗୁଡ଼ା(ନିପ୍ର): ବୁଗୁଡ଼ା ଥାନା ଅନ୍ତର୍ଗତ ତଳ ଓଡ଼ିଆ ସାହିର ସନ୍ତୋଷ କୁମାର ରାଉତ(୩୦)ଙ୍କୁ ଦଶହରା ଦିନ ହତ୍ୟାକରି ବୁଗୁଡ଼ା-ମୋଟାବାଡ଼ି ରାସ୍ତା କଡ଼ରେ ଆସାମୀ ଫୋପାଡ଼ି ଦେଇଥିଲା । ହତ୍ୟାକାଣ୍ଡର ଆସାମୀକୁ ଗିରଫ କରିବାରେ ବୁଗୁଡ଼ା ପୋଲିସକୁ ସଫଳତା ମିଳିପାରିଛି । ବୁଗୁଡ଼ା ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡକ୍ଟର ଦୀପକ କୁମାର ମିଶ୍ର ଓ ବୁଗୁଡ଼ା ଆରକ୍ଷୀ ନିରୀକ୍ଷକ ସୀତାଂଶୁ ଶେଖର ମାନ୍ଧାତା ସମସ୍ତ ବିଷୟ ପ୍ରକାଶ କରିଛନ୍ତି । ହତ୍ୟାକାଣ୍ଡ ଘଟାଇଥିବା ଆସାମୀ ବୁଗୁଡାର ତଳ ଓଡ଼ିଆ ସାହିର ବସନ୍ତ କୁମାର ନାୟକ (୩୫) ହୋଇଥିବା ବେଳେ ହତ୍ୟାକାଣ୍ଡର ଶିକାର ହୋଇଥିବା ସନ୍ତୋଷଙ୍କ ପଡ଼ୋଶୀ ଅଟନ୍ତି । ଦୁଇ ମାସ ପୂର୍ବେ ମୃତ ସନ୍ତୋଷ ଓ ଅଭିଯୁକ୍ତ ବସନ୍ତଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା । ବସନ୍ତ ନାୟକ ପ୍ରତିଶୋଧ ପରାୟଣ ହୋଇ ହତ୍ୟା କରିଥିବା କୁହାଯାଉଛି । ଅଭିଯୁକ୍ତ ବସନ୍ତ ନାୟକ ଏକ ଧାରୁଆ ଛୁରୀରେ ସନ୍ତୋଷଙ୍କ ଗଳାକାଟି ହତ୍ୟା କରିଥିବା ବେଳେ ଅଭିଯୁକ୍ତଙ୍କ ନିକଟରୁ ଏକ ଛୁରୀ, ମୃତ ସନ୍ତୋଷଙ୍କ ମୋବାଇଲ ଓ ବାଇକ୍ ଜବତ କରାଯାଇଛି । ମୃତ ସନ୍ତୋଷଙ୍କ ମାଆ ଶଶି ରାଉତଙ୍କ ଅଭିଯୋଗ ପ୍ରକାରେ ବୁଗୁଡ଼ା ଥାନାରେ କେସ ନଂ ୫୨୨/୨୬, ଧାର ୟୁ/ଏସ ୧୦୩(୧) ବିଏନସ, ୨୦/୧୦/୨୦୨୬ ତାରିଖରେ ଏକ ମାମଲା ରୁଜୁ ହୋଇଥିବା ବେଳେ ୨୨/୧୦/୨୬ ତାରିଖ ଦିନ ଅଭିଯୁକ୍ତ ବସନ୍ତ କୁମାର ନାୟକଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର



ମାଲକାନଗିରି(ନିପ୍ର): ମାଲକାନଗିରି ଜିଲ୍ଲାରେ ଭାଲୁ ଆକ୍ରମଣରେ ଜଣେ ପ୍ରାୟ ୪୦ ବର୍ଷୀୟ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଆହତ ବ୍ୟକ୍ତି ହେଉଛନ୍ତି ସାଧୁ ପାଙ୍ଗି । ସେ ବାଲିମେଲା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଭାଲୁ ଆକ୍ରମଣରେ ସାଧୁ ପାଙ୍ଗି ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ମାଲକାନଗିରି ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ ଏହି ଆକ୍ରମଣ କେଉଁ ସ୍ଥାନରେ ଓ କେଉଁ ପରିସ୍ଥିତିରେ ଘଟିଛି, ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳିନାହିଁ । ଭାଲୁ ଆକ୍ରମଣକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି ।

### ଦଶହରାରେ ଲୁଟେରାଙ୍କ ଆତଙ୍କ

# ୩ ଦିନରେ ୧୯୦ ମୋବାଇଲ୍ ଓ ୨୧ ସୁନାଚେନ୍ ଲୁଟ୍



ଭୁବନେଶ୍ୱର: ଦଶହରା ରାଜଧାନୀରେ ମାତିଛନ୍ତି ଲୁଟେରା । ୩ ଦିନରେ ବିଭିନ୍ନ ପୂଜାମଣ୍ଡପରୁ ଝାମ୍ପି ନେଇଛନ୍ତି ୧୯୦ ମୋବାଇଲ ସହ ୨୧ ସୁନାଚେନ୍ । ଗତକାଲି ଦିନକରେ ସବୁଠାରୁ ବେଶୀ ଲୁଟ୍‌ପାଟ ହୋଇଥିବା ଜଣାପଡ଼ିଛି । ଅଭିଯୋଗ ପାଇ କମିଶନରେଟ୍ ପୁଲିସ ଲୁଟେରାଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି । ଖଣ୍ଡଗିରି, ନୂଆପଲ୍ଲୀ, ଚନ୍ଦ୍ରଶେଖରପୁର, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର ଓ ଶ୍ରୀଲିଙ୍ଗରାଜ ଥାନା ପୁଲିସ କିଛି ଲୁଟେରାଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ସେମାନଙ୍କଠାରୁ କିଛି ଲୁଟ୍ ମୋବାଇଲ ଜବତ ହୋଇଥିବା ଜଣାପଡ଼ିଛି । ପାର୍ବଣରେ ଲୁଟ୍‌ପାଟ ପାଇଁ ବିଭିନ୍ନ ରାଜ୍ୟର ଲୁଟେରାମାନେ ଆସି ରାଜଧାନୀରେ ଡେରା ପକାଇଛନ୍ତି । କମିଶନରେଟ୍ ପୁଲିସ ନିର୍ଦ୍ଦେଶରେ ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ଅଧିକରୁ ଅଧିକ ସିସି କ୍ୟାମେରା ଖଞ୍ଜା ଯାଇଥିଲା । ତା' ସାଙ୍ଗକୁ ପୂଜା ମଣ୍ଡପଗୁଡ଼ିକରେ ସାଦା ପୋଷାକଧାରୀ ଏବଂ ମହିଳା ପୁଲିସ ମଧ ମୁତୟନ ରହିଥିଲେ । ପୂଜା କମିଟି ଗୁଡ଼ିକ ମଧ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରିଥିଲେ । ଏତେସବୁ ବ୍ୟବସ୍ଥା ଥାଇ ମଧ ଲୁଟେରାମାନେ ସେମାନଙ୍କ ହାତ ସଫେଇ କରିବାରେ ସଫଳ ହୋଇଛନ୍ତି । ଭିଡ଼ର ସୁଯୋଗ ନେଇ ରାଜଧାନୀର ବିଭିନ୍ନ ପୂଜାମଣ୍ଡପରୁ ଶ୍ରଦ୍ଧାଳୁଙ୍କଠାରୁ ବେଧଡ଼କ ଲୁଟ୍‌ପାଟ କରିଛନ୍ତି । ସବୁଠାରୁ ବେଶୀ ବରମୁଣ୍ଡା, ନୂଆପଲ୍ଲୀ, ସହିଦନଗର, ରସୁଲଗଡ଼, କଟକରୋଡ ଓ ଝାରପଡ଼ା ପୂଜାମଣ୍ଡପରୁ ଶ୍ରଦ୍ଧାଳୁଙ୍କଠାରୁ ମୋବାଇଲ ଓ ସୁନାଚେନ୍ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । କିଛି ଲୁଟେରାଙ୍କୁ ଅଟକ ରଖାଯାଇ ସେମାନଙ୍କଠାରୁ କିଛି ମୋବାଇଲ ଜବତ ହୋଇଥିବା ଅଧିକାରୀ ଜଣଙ୍କ କହିଛନ୍ତି ।

# ମନ୍ଦିରରୁ ଲକ୍ଷେ ଟଙ୍କାର ପୂଜା ସାମଗ୍ରୀ ଚୋରି

ଧାମନଗର(ନିପ୍ର): ଧାମନଗର ଥାନା ଅଞ୍ଚଳରେ ମନ୍ଦିରରୁ ଚୋରି ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି । ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ଶ୍ୟାମପୁର ବାରିକ ସାହିସ୍ଥିତ ଗ୍ରାମଦେବୀ ଓ ମାଆଙ୍କ ମନ୍ଦିରରୁ ବିଭିନ୍ନ ପୂଜା ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଅଭିଯୋଗ ଅନୁଯାୟୀ, ଗତ ୧୯ ତାରିଖ ରାତିରେ ଦୁର୍ବୃତ୍ତମାନେ ଉଭୟ ମନ୍ଦିରର କବାଟ ଖୋଲି ଭିତରେ ଥିବା ଘଣ୍ଟି, ମୁଖା, କଳସ, ପିତ୍ତଳ ଓ କାଂସା ସାମଗ୍ରୀ ସମେତ ରୁପା ଏବଂ ପିତ୍ତଳରେ ନିର୍ମିତ ବିଭିନ୍ନ ପୂଜା ସାମଗ୍ରୀ ଚୋରି କରି ନେଇଥିଲେ । ଏହି ଘଟଣା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ଶ୍ୟାମପୁର ଗ୍ରାମର ବନବିହାରୀ ବାରିକ ଧାମନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ ୪୫୬/୨୬ରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୩୦୫(କ) ଓ ୩୩୧(୪) ଅନୁଯାୟୀ ମାମଲା ରୁଜୁ କରିଛି ।

# ୱାରେଣ୍ଟି ଗିରଫ



ପାରଳାଖେମୁଣ୍ଡି(ନିପ୍ର): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍ ପକ୍ଷରୁ ଚାଲିଥିବା ଅଗ୍ରାଧିକାର ଭିତ୍ତିକ ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ ହୋଇଥିବା ବେଳେ ଗୁରୁବାର ସ୍ଥାନୀୟ ସଞ୍ଜୟ ଗାନ୍ଧୀ କଲୋନୀର ଜଣେ ୱାରେଣ୍ଟି ଅଭିଯୁକ୍ତ ବିଗବସ୍ ଲିମା (୨୭)କୁ ଗିରଫ କରାଯାଇଛି । ଅଭିଯୁକ୍ତ ବିରୋଧରେ ପାରଳାଖେମୁଣ୍ଡି ଥାନା କେସ୍ ନଂ ୩୬୩, ତା.୧୨.୧୧.୨୦୨୩, ଦଫା ୨୯୪/୩୦୭/୩୨୩/୩୪୧/୩୪୨/୩୬୪/୩୭୯/୫୦୬/୩୪ ଆଇପିସି ଅନୁଯାୟୀ ମାମଲା ରୁଜୁ ହୋଇଥିଲା ।

# ଚୋରା ମହୁଲି ମଦ ବିକ୍ରିକୁ ବିରୋଧ ଗ୍ରାମବାସୀଙ୍କୁ ଆକ୍ରମଣ ଅଭିଯୋଗ: ଜଣେ ଗିରଫ, ଦୁଇ ଫେରାର

ସାଲେପୁର(ନିପ୍ର): କଟକ ଜିଲ୍ଲା ଜଗତପୁର ଥାନା ଅନ୍ତର୍ଗତ ପାଗା ଫାଣ୍ଡି ଅଧୀନ ଭୀମରାଜପୁର ଗ୍ରାମରେ ଚୋରା ଦେଶୀ ମହୁଲି ମଦ ବିକ୍ରିକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଛି । ଗାଁରେ ଚୋରା ମଦ ବିକ୍ରି ବନ୍ଦ କରିବାକୁ ବିରୋଧ କରିବାରୁ ମହିଳା ଓ ପୁରୁଷ ଗ୍ରାମବାସୀଙ୍କୁ ଆକ୍ରମଣ କରାଯାଇଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଛି । ଗ୍ରାମବାସୀଙ୍କ ଅଭିଯୋଗ



ଅନୁଯାୟୀ, ଗ୍ରାମର ଦଶରଥ ମଲ୍ଲିକ, କୃପାସିନ୍ଧୁ ମଲ୍ଲିକ ଓ କାମିନୀ ମଲ୍ଲିକ ଚୋରା ଦେଶୀ ମହୁଲି ମଦ ବିକ୍ରି କରୁଥିଲେ । ଏହାକୁ ବନ୍ଦ କରିବା ପାଇଁ ଗ୍ରାମର ମହିଳା ଓ ପୁରୁଷମାନେ ବାରମ୍ବାର ପ୍ରତିବାଦ କରିଆସୁଥିଲେ । ତେବେ ପ୍ରତିବାଦ ସତ୍ତ୍ୱେ ମଦ ବିକ୍ରି ଜାରି ରହିବାରୁ ପୁଣିଥରେ ଗ୍ରାମବାସୀ ଏହାର ବିରୋଧ କରିଥିଲେ । ଏହି ସମୟରେ ସେମାନଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଘଟଣାକୁ ନେଇ ଗ୍ରାମବାସୀ ପୋଲିସର ଦ୍ୱାରସ୍ଥ ହେବା ପରେ ପାଗା ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଛି । ପୋଲିସ ଦଶରଥ ମଲ୍ଲିକଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ କୃପାସିନ୍ଧୁ ମଲ୍ଲିକ ଓ କାମିନୀ ମଲ୍ଲିକ ଫେରାର ଥିବା ଜଣାପଡ଼ିଛି । ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

# ବିରିବାଟି-କନ୍ଦରପୁର ରାସ୍ତାରେ ଦିନକୁ ଦିନ ବଢୁଛି ଦୁର୍ଘଟଣା

## ରାଜ୍ୟ ମାନବାଧିକାର କମିଶନରେ ମାମଲା

କଟକ(ନିପ୍ର): ଜାତୀୟ ରାଜପଥ ନଂ ୫୫ର ବିରିବାଟି-କନ୍ଦରପୁର ମଧ୍ୟରେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ପାରାଦୀପ ବନ୍ଦର ଅଭିମୁଖେ ଯାଉଥିବା ଶହଶହ ଟ୍ରକ୍, ବସ୍ ଦ୍ରୁତ ଚାଳନା ଯୋଗୁ ପ୍ରତ୍ୟେକ ଦିନ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ରତ୍ନାକର ବିଦ୍ୟାମନ୍ଦିର, ବରୁଣେଇ ବିଦ୍ୟାପୀଠ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାସ୍ତା ପାର୍ଶ୍ୱରେ ରହିଥିବାରୁ ଛୋଟ ପିଲାମାନେ ଯାତାୟାତ କରିବାରେ ଭୟ କରୁଛନ୍ତି । ଯୁବକମାନଙ୍କର ଦ୍ରୁତ ବାଇକ ଚାଳନା ମଧ ଅଭିଭାବକ ମାନଙ୍କର ଅନ୍ୟତମ ଚିନ୍ତାର କାରଣ ହୋଇଛି । ସକାଳ ଓ ସନ୍ଧ୍ୟାରେ ରାସ୍ତାପାର୍ଶ୍ୱରେ ହାଟର ପରିବେଶ ସୃଷ୍ଟି ହେଉଛି । ବିଶେଷକରି ମହାନ୍ତି ସାହି ଗଡ଼ାଟି ତ୍ରିକୋଣ ଭୂମି ଅଞ୍ଚଳରେ ଗାଡ଼ି ଏପଟ ସେପଟ ହେବା ପାଇଁ ୧୫ ମିନିଟ୍ ଲାଗୁଛି । କନ୍ଦରପୁର ଓ ସିଆରଆରଆଇ ଥାନା ଅଧୀନରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ରହିଥିଲେ ସୁଦ୍ଧା ଦୁର୍ଘଟଣା ଓ ଦ୍ରୁତ ଗାଡ଼ିଚ ଚାଳନାକୁ ନିୟନ୍ତ୍ରଣ କରାଯାଇପାରୁ ନାହିଁ । ଏପରିକି ଗତି ନିୟନ୍ତ୍ରଣ କମାଇବା ପାଇଁ ହମ୍ପ ନିର୍ମାଣ ନିମନ୍ତେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଅନୁମତି ଦେବା ପାଇଁ ରୋକ୍‌ଠୋକ୍ ମନା କରିଥିଲେ । ତେଣୁ ଭିଡ଼ ଓ ଦ୍ରୁତ ଗତି ରୋକିବା ପାଇଁ ଓଡ଼ିଶା ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏକ ମାମଲା ରୁଜୁ କରାଯାଇଛି । ଏହାର ଶୁଣାଣି ଆସନ୍ତା ଡିସେମ୍ବର ୨୨ରେ ହେବ । ଜାତୀୟ ରାଜପଥ ପ୍ରାଧିକରଣ ଓ କଟକ ଏସ୍‌ପିଙ୍କୁ ନୋଟିସ୍ କରାଯାଇଛି । ୧୬ ତାରିଖରେ ରତ୍ନାକର ବିଦ୍ୟାମନ୍ଦିର ସମ୍ମୁଖରେ ଏକ ଦ୍ରୁତଗାମୀ ବସ୍ ଏକ ସ୍କୁଟି ସହିତ ଧକ୍କା ହୋଇଥିଲା । ଏଥିରେ ସ୍କୁଟି ଚାଳକ ରଘୁନାଥପୁର ଗ୍ରାମର ଜୟନ୍ତ କୁମାର ଜେନାଙ୍କର ଡାହାଣ ଗୋଡ଼ କାଟିବାକୁ ପଡ଼ିଥିଲା ।

# ଧାନ କିଣାବିକା: ଟଙ୍କା ମାଗିବାରୁ ଗାଳିଗୁଲଜ

ଧାମନଗର(ନିପ୍ର): ଧାନ କାରବାରରେ ଲକ୍ଷାଧିକ ଟଙ୍କାର ବକେୟାକୁ ନେଇ ଧୁଷୁରୀ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ । ୨୫ ଟନ୍ ଧାନ ହସ୍ତାନ୍ତର ପରେ ୫ ଲକ୍ଷ ୭୫ ହଜାର ଟଙ୍କା ମିଳିନଥିବା ଅଭିଯୋଗ ହୋଇଥିବାବେଳେ, ବକେୟା ଟଙ୍କା ମାଗିବାରୁ ଗାଳିଗୁଲଜ କରାଯାଇଥିବା ନେଇ ମଧ ଅଭିଯୋଗ ଉଠିଛି । ଏହି ଘଟଣାକୁ ନେଇ ଧୁଷୁରୀ ଥାନାରେ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ଧୁଷୁରୀ ଥାନା ଅନ୍ତର୍ଗତ ସାହାସପୁର ଗ୍ରାମର ଶ୍ରୀଧର ଦାସ (୬୧) ଗତ ମାର୍ଚ୍ଚ ମାସରେ ସାବରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣୀଗାଁ ବୈକୁଣ୍ଠପୁରର ଦୀପକ ପଣ୍ଡାଙ୍କ କହିବା ଅନୁସାରେ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୨,୩୦୦ ଟଙ୍କା ଦରରେ ୨୫ ଟନ୍ ଧାନ ସଂଗ୍ରହ କରି ତାଙ୍କୁ ହସ୍ତାନ୍ତର କରିଥିଲେ । ଶ୍ରୀଧରଙ୍କ ଅଭିଯୋଗ ଅନୁସାରେ, ଧାନ ହସ୍ତାନ୍ତର ପରେ ସମ୍ପୂର୍ଣ୍ଣ ହିସାବ ମିଳିନଥିଲା ଏବଂ ୫.୭୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇନଥିଲା । ବକେୟା ଅର୍ଥ ମାଗିବାରୁ ଦୀପକ ପଣ୍ଡାଙ୍କ ବାପା ସୁରେନ୍ଦ୍ର ପଣ୍ଡା ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ମଧ ସେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ଭିତ୍ତି କରି ଧୁଷୁରୀ ପୁଲିସ ୨୦ ଅକ୍ଟୋବର ୨୦୨୬ରେ କେସ୍ ନମ୍ବର ୪୬୩/୨୦୨୬ ରୁଜୁ କରିଛି । ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୨୯୬ ଓ ୩(୫) ଅନୁଯାୟୀ ମାମଲାର ତଦନ୍ତ ଚାଲିଛି । ଏସ୍‌ଆଇ ବିନମୟ ପାତ୍ରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ଧାନ କାରବାରରେ ଏତେ ବଡ଼ ଅର୍ଥରାଶି କୁ ନେଇ ଉଠିଥିବା ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ ।

# ପୋଖରୀରେ ବୁଡି ଜେଜେ ବାପା ଓ ନାତି ମୃତ

ଭଦ୍ରକ: ପୋଖରୀରେ ବୁଡି ଜେଜେ ବାପା ଓ ନାତି ମୃତ । ନାତିକୁ ବଞ୍ଚାଇବା ପାଇଁ ଯାଇ ଜେଜେ ମଧ ମୃତ୍ୟୁବରଣ କରିଛି । ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅଧୀନ ମାଳିଅରୁଆ ଗାଁରେ ଏଭଳି ଅଘଟଣ ଘଟିଛି । ମୃତକ ହେଲେ ଜେଜେ ଦୟାନିଧି ବାରିକ ଓ ୫ ବର୍ଷୀୟ ନାତି ସାଇ ଶୁଭମ୍ ବାରିକ । ସୂଚନା ଅନୁଯାୟୀ ସାଇ ଶୁଭମ ଖେଳିବା ବେଳେ ଭୁଲବଶତଃ ପୋଖରୀ ଭିତରକୁ ଚାଲିଯାଇଥିଲେ । ଏହି ସମୟରେ ନାତିକୁ ବଞ୍ଚାଇବା ପାଇଁ ଯାଇ ଜେଜେ ମଧ ପୋଖରୀରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକେ ଖୋଜା ଖୋଜି ପରେ ମଧ ଉଭୟଙ୍କୁ ଉଦ୍ଧାର କରି ନପାରି ଗାଁର ଧୀବରଙ୍କୁ ଡକାଇ ଥିଲେ । ଧୀବରମାନେ ଜାଲ ପକାଇ ଉଭୟଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି ।

# ନାବାଳିକାକୁ ଗଣଦୁଷ୍କର୍ମ ପରେ ହତ୍ୟା ଅଭିଯୋଗ



ଜଳେଶ୍ୱର(ନିପ୍ର): ଧାନ ବିଲ ମଧ୍ୟରୁ ନାବାଳିକାର ମୃତଦେହ ଉଦ୍ଧାର ହୋଇଛି । ଗଣଦୁଷ୍କର୍ମ ପରେ ପ୍ରମାଣ ନଷ୍ଟ କରିବା ପାଇଁ ନାବାଳିକାର ମୁହଁ, ଛାତି ପେଟରେ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡି ଦେଇଥିବା ଅନୁମାନ କରାଯାଉଛି । ମୃତକ ନାବାଳିକା ଜଣକ ହେଲେ ପଶ୍ଚିମବାଡ଼ ପଂଚାୟତ ଦେବକୁମାର ଗ୍ରାମର ଦୀପିକା ଜେନା । ଘଟଣା ସ୍ଥଳରେ ପୋଲିସ ପହଂଚି ଶବ ଜବତ କରି ତଦନ୍ତ ଜାରି ରଖିଛି । ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ବର୍ତ୍ତନା ପଂଚାୟତ ହେରାପଦାଠାରେ । ସୂଚନା ଅନୁଯାୟୀ ଜଳେଶ୍ୱର ଥାନା ପଶ୍ଚିମବାଡ଼ ପଂଚାୟତ ଦେବକୁମାର ଗ୍ରାମର ଅରୁଣ ଜେନାଙ୍କ ୧୪ ବର୍ଷର ଝିଅ ଦୀପିକା ଜେନା ସନ୍ଧ୍ୟା ସମୟରେ ପାଖ ପଶ୍ଚିମବାଡ଼ ମାର୍କେଟକୁ ନନ୍ଦିନୀ ନାମକ ସାଙ୍ଗ ସହିତ ଚାଟ ଖାଇବାକୁ ଯାଇ ଆଉ ଘରକୁ ଫେରିନଥିଲେ । ତେବେ ପରିବାର ଲୋକେ ବହୁ ଖୋଜାଖୋଜି ପରେ ଝିଅକୁ ଶୁଲତାନପୁର ଗ୍ରାମର ଚନ୍ଦ୍ରକାନ୍ତ ଜେନା ଅପହରଣ କରିନେଇ ଥିବା ଜାଣି ନାମ୍ପୋ ଫାଣ୍ଡିରେ ଅଭିଯୋଗ କରିବା ସହ ଉକ୍ତ ଯୁବକକୁ ପୋଲିସ ନିକଟରେ ଜିମା ଦେଇଥିଲେ । ମାତ୍ର ପୋଲିସ ଉକ୍ତ ଯୁବକ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି କିମ୍ବା ଝିଅକୁ ନ ଖୋଜି ଉକ୍ତ ଯୁବକକୁ ଛାଡି ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ତେବେ ଆଜି ବର୍ତ୍ତନା ପଂଚାୟତ ହେରାପଦା ସ୍ଥିତ ଏକ ଧାନ ବିଲ ଭିତରୁ ନାବାଳିକାର ଗଳିତ ମୃତ ଦେହ ମିଳିଥିଲା ବେଳେ ଝିଅର ଚପଲ ଓ ଓଢଣୀ ଅଳ୍ପ ଦୂରରେ ପଡ଼ିଥିବା ଦେଖି ଉକ୍ତ ନିଖୋଜ ଝିଅର ଶବ ବୋଲି ପରିବାର ଲୋକ ଚିହ୍ନଟ କରିଥିଲେ । ତେବେ ଝିଅକୁ ଗଣବଳାତ୍କାର କରାଯିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଝିଅର ମୁହଁ ଛାତି, ପେଟରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଦେଇଥିବା ଅନୁମାନ କରାଯାଉଛି । ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଯବତ କରି ତଦନ୍ତ ଜାରି ରଖିଥିଲା ବେଳେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଡ୍ରୋନ୍ ନଜରରେ କଟକ ଭସାଣି ଶୋଭାଯାତ୍ରା: ସୁରକ୍ଷା ବ୍ୟବସ୍ଥା କଡ଼ା

କଟକ(ନିପ୍ର): ଦର୍ଶକଙ୍କ ଭିଡ ଏବଂ ଶୋଭାଯାତ୍ରା ଉପରେ ନଜର ରଖିଛି ଡ୍ରୋନ । ଆଜି କଟକ ଦଶହରା ଭସାଣ ଉତ୍ସବ । ପାଞ୍ଚ ଦିନର ଦଶହରା ପର୍ବ ପରେ ବୁଧବାର ରାତିରୁ ଭସାଣି ଆରମ୍ଭ ହୋଇଛି । ପାରମ୍ପରିକ ବାଦ୍ୟ ସହ ମା ଦୁର୍ଗା, ହରପାର୍ବତୀ ଓ ମହାଦେବଙ୍କ ମୂର୍ତ୍ତି ଶୋଭାଯାତ୍ରାରେ ନିଆଯାଉଛି । ବିଭିନ୍ନ କମିଟି ପକ୍ଷରୁ ଅନ୍ୟ କମିଟି ମେଢ଼ ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଥିବା ଦେଖିବାକୁ ମିଳିଛି । କମିଶନରେଟ୍ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ୧୩ ଶହ ସିସିଟିଭି ସହରରେ ନଜର ରଖିଛି । ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ଜରିଆରେ ଏହା ଉପରେ ନଜର ରଖାଯାଇଛି । ସହରରେ ମୋଟ ଚାରି ହଜାର ଦୁଇ ଶହ ପୋଲିସଙ୍କୁ ନେଇ ୭୦ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଛନ୍ତି । ସି.ଏ.ପି.ଏଫ୍ ଏବଂ କୁଇକ୍ ରିଆକ୍ସନ ଟିମ୍ ମଧ ନିୟୋଜିତ ହୋଇଛନ୍ତି । ଏଥିସହ ଅସାମାଜିକ ତତ୍ତ୍ୱଙ୍କ ପାଇଁ ଫେସ୍ ଡିଟେକସନ୍ କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଯାଇଛି । ଅପରାଧୀଙ୍କ ମୁହଁ ଚିହ୍ନି ପାରିବ ଏହି କ୍ୟାମେରା । କେହି କୌଣସି ଜାଗାରେ କିଛି ସନ୍ଦେହଜନକ କିମ୍ବା ଅପ୍ରୀତିକର ପରିସ୍ଥିତି ଦେଖିଲେ ତୁରନ୍ତ ୧୧୨ କିମ୍ବା ନିକଟସ୍ଥ ଥାନାକୁ ଜଣାଇବା ପାଇଁ ଅପିଲ କଲା କମିଶନରେଟ୍ ପୋଲିସ । ପୋଲିସକୁ ସହଯୋଗ କରିବା ପାଇଁ ମଧ ନିବେଦନ କରାଯାଇଛି । ରାତି ୧୨ଟା ସୁଦ୍ଧା ୭୫ ମେଢ଼ ବିସର୍ଜନ ପାଇଁ ଲକ୍ଷ୍ୟ ରଖାଯାଇଛି । ଏ ପର୍ଯ୍ୟନ୍ତ ୪୭ଟି ମେଢ଼ ଦେବୀଗଡାର କୃତ୍ରିମ ପୋଖରୀରେ ବିସର୍ଜିତ ହୋଇଛନ୍ତି ।





କଟକ: ମା'ଙ୍କୁ ବିଦାୟ ବେଳର ଦୃଶ୍ୟ (ଫଟୋ-ପ୍ରତାପ ସାହୁ)





ଭୁବନେଶ୍ୱର: ମା'ଙ୍କୁ ମେଲାଣି ସମୟରେ ଭକ୍ତ ଭଗବାନ ଏକାଠି (ଫଟୋ-ଦିନଲିପି)

# ଟି-୨୦: ନ୍ୟୁଜିଲାଣ୍ଡକୁ ହରାଇ ଇତିହାସ ରଚିଲା ଭାରତ

**ନୂଆଦିଲ୍ଲୀ, ୨୨/୧୦:** ନ୍ୟୁଜିଲାଣ୍ଡ ବିପକ୍ଷରେ ଦମ୍‌ଦାର ବିଜୟ ହାସଲ କରିଛି ଭାରତ । ଗୁରୁବାର ଖ୍ରାଇଷ୍ଟଚର୍ଚ୍ଚର ହାଗଲି ଓଭାଲ୍‌ରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍‌ରେ ଭାରତ ୪ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି । ନ୍ୟୁଜିଲାଣ୍ଡ ଦେଇଥିବା ୨୨୬ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୨ଟି ବଲ୍ ବାକି ଥାଇ ହାସଲ କରିଛି । ଏହା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତର ସବୁଠୁ ବଡ଼ ସଫଳ ରନ୍ ଚେଜ୍ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଭାରତର ଏହି ବିଜୟରେ ସଞ୍ଜୁ ସାମସନ୍ ଓ ନମନ ଧୀରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ସଞ୍ଜୁ ୩୩ଟି ବଲ୍‌ରୁ ୬୭ ରନ୍ କରିଥିବା ବେଳେ ନମନ ଧୀର ମାତ୍ର ୧୫ଟି ବଲ୍‌ରୁ ୪୨ ରନ୍ କରି ଦଳକୁ ବିଜୟ ନିକଟରେ ପହଞ୍ଚାଇଥିଲେ । ଦମ୍‌ଦାର ବ୍ୟାଟିଂ ପାଇଁ ସଞ୍ଜୁଙ୍କୁ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ପୁରସ୍କାର ମିଳିଥିଲା । ୨୨୬ ରନ୍‌ର ବଡ଼ ଲକ୍ଷ୍ୟକୁ ପିଛା କରି ଭାରତୀୟ ଓପନର ସଞ୍ଜୁ ସାମସନ୍ ଓ ଅଭିଷେକ ଶର୍ମା ଦଳକୁ ଦ୍ରୁତ ଆରମ୍ଭ ଦେଇଥିଲେ । ଦୁହେଁ ମାତ୍ର ୫.୫ ଓଭରରେ ୯୩ ରନ୍ ଯୋଡ଼ିଥିଲେ । ସଞ୍ଜୁ ୮ଟି ଚୌକା ଓ ୪ଟି ଛକା ସହ ୬୭ ରନ୍ କରିଥିବା ବେଳେ ଅଭିଷେକ ୧୨ଟି ବଲ୍‌ରୁ ୨୯ ରନ୍ କରିଥିଲେ । ଏହାପରେ ନ୍ୟୁଜିଲାଣ୍ଡ ବୋଲରମାନେ ଲଗାତାର ୱିକେଟ୍ ନେଇ ଭାରତକୁ ଚାପରେ ପକାଇଥିଲେ । ତିଳକ ବର୍ମା ୬ ଓ ଈଶାନ କିଶନ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ । ମଧ୍ୟକ୍ରମରେ ଶ୍ରେୟସ ଆୟର ଓ ଅକ୍ଷର ପଟେଲ ଭାରତର ରନ୍ ଗତିକୁ ବଜାୟ ରଖିଥିଲେ । ପଞ୍ଚମ ୱିକେଟ୍ ପାଇଁ ଦୁହେଁ ୪୫ ରନ୍ ଯୋଡ଼ିଥିଲେ । ଅକ୍ଷର ୨୪ ରନ୍ କରି ଆଉଟ୍ ହେବା ପରେ ଶ୍ରେୟସ ଓ ନମନ ଧୀର ଦ୍ରୁତ ରନ୍ ସଂଗ୍ରହ କରିଥିଲେ । ଶ୍ରେୟସ ୨୮ଟି ବଲ୍‌ରୁ ୪୨ ରନ୍ କରିଥିବା ବେଳେ ନମନ ଧୀର ୫ଟି ଚୌକା ଓ ୨ଟି ଛକା ସହ ମାତ୍ର ୧୫ଟି ବଲ୍‌ରୁ ୪୨ ରନ୍ କରିଥିଲେ । ଶେଷ



ଆଡ଼କୁ ନୀତିଶ ରେଡ୍ଡୀଙ୍କ ସହ ମିଶି ନମନ ଦଳକୁ ବିଜୟୀ କରାଇଥିଲେ । ଏହା ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୪ ୱିକେଟ୍ ହରାଇ ୨୨୫ ରନ୍ କରିଥିଲା । ଟିମ୍ ସିଫର୍ଟ ଓ ଫିନ୍ ଆଲେନ୍ ପ୍ରଥମ ୱିକେଟ୍ ପାଇଁ ୪୯ ରନ୍ ଯୋଡ଼ିଥିଲେ । ଫିନ୍ ଆଲେନ୍ ୨୪ଟି ବଲ୍‌ରୁ ୪୫ ରନ୍ କରିଥିବା ବେଳେ ଡାରିଲ୍ ମିଚେଲ୍ ୨୮ ରନ୍ କରିଥିଲେ ।

## ମୁମ୍ବାଇରେ ଉଦ୍‌ଘାଟିତ ହେଲା ୧୪ତମ 'ଇଣ୍ଡିଆ କେମ୍-୨୦୨୬'

**ମୁମ୍ବାଇ, ୨୨।୧୦(ପିଆଇବି):** କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଗୁରୁବାର ମୁମ୍ବାଇରେ ୧୪ତମ 'ଇଣ୍ଡିଆ କେମ୍-୨୦୨୬'ର ଉଦ୍‌ଘାଟନ କରିଛନ୍ତି । ଦେଶର ରାସାୟନିକ ଓ ପେଟ୍ରୋକେମିକାଲ୍ ଶିଳ୍ପର ବିକାଶ ପାଇଁ ସରକାର ଅନୁକୂଳ ପରିବେଶ ସୃଷ୍ଟି କରୁଥିବାବେଳେ 'ଭବ୍ୟ ରସାୟନ ଯୋଜନା' ଏ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି । ଏହି ସମ୍ମିଳନୀରେ ଶିଳ୍ପପତି ଓ ନୀତି ନିର୍ଦ୍ଧାରକମାନଙ୍କୁ ସମ୍ବୋଧିତ କରି ଶ୍ରୀ ନଡ୍ଡା କହିଥିଲେ, ଭବ୍ୟ ରସାୟନ ଯୋଜନା ଅଧୀନରେ ବିଶ୍ୱସ୍ତରୀୟ ରାସାୟନିକ ଉତ୍ପାଦନ କେନ୍ଦ୍ର ଗଠନ ସହ ବନ୍ଦର, ରେଳପଥ, ବିମାନବନ୍ଦର ଓ ସଡ଼କପଥ ସଂଯୋଗ ଏବଂ ସମନ୍ୱିତ ମୂଲ୍ୟ ଶୃଙ୍ଖଳାର ବିକାଶକୁ ଗୁରୁତ୍ୱ ଦିଆଯାଉଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ରାସାୟନିକ ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସେ ମତ ଦେଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତା ପାଠ କରାଯାଇଥିଲା । ଏଥିରେ ବ୍ୟବସାୟକୁ ସହଜ କରିବା ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତିର ସମ୍ପ୍ରସାରଣ ଦ୍ୱାରା ଭାରତୀୟ ଉତ୍ପାଦକଙ୍କ ପାଇଁ ନିବେଶ ଓ ଅନ୍ତର୍ଜାତୀୟ ବଜାରରେ ନୂତନ ସୁଯୋଗ ସୃଷ୍ଟି ହେଉଥିବା ଉଲ୍ଲେଖ ରହିଥିଲା । 'ଇଣ୍ଡିଆ କେମ୍-୨୦୨୬' ଅର୍ଥପୂର୍ଣ୍ଣ ଆଲୋଚନା ଓ ଭାଗୀଦାରି ମାଧ୍ୟମରେ ରାସାୟନିକ ଶିଳ୍ପର ଦୀର୍ଘକାଳୀନ ବିକାଶକୁ ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍, ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ନିଜ ନିଜ ରାଜ୍ୟରେ ରାସାୟନିକ ଓ ପେଟ୍ରୋକେମିକାଲ୍ ଶିଳ୍ପରେ ଉପଲବ୍ଧ ନିବେଶ ସୁଯୋଗର ଲାଭ ଉଠାଇବାକୁ ଶିଳ୍ପପତିଙ୍କୁ ଆହ୍ୱାନ ଦେଇଥିଲେ ।

## ଅଧାରେ ରହିଗଲା କ୍ରୀଡ଼ା ଜୀବନର ସ୍ୱପ୍ନ
# ଦୁର୍ଘଟଣାରେ ଚାଲିଗଲା ୨ ଯୁବ ଆଥଲେଟ୍‌ଙ୍କ ଜୀବନ

**କଟକ, ୨୨/୧୦(ନିପ୍ର):** ଦୁର୍ଘଟଣାରେ ୨ ଯୁବ ଆଥଲେଟ ମୃତ । ଓଡ଼ିଶାର ୨ ଯୁବ ଆଥଲେଟ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଭବାନୀପାଟଣାର ଆଥଲେଟ୍ ଜୟରାମ ଦଣ୍ଡପାଟ ଓ ଅତାବିରାର ମଳୟ ବାରିକଙ୍କର ମୃତ୍ୟୁ ହୋଇଯାଇଛି । କଟକ-ଭୁବନେଶ୍ୱର ଜାତୀୟ ରାଜପଥର ନଖରା ପାଖରେ ଘଟିଛି ଦୁର୍ଘଟଣା । ଖବର ଅନୁଯାୟୀ,ଗତ କାଲି ବିଳମ୍ବିତ ରାତିରେ କଟକ ଦଶହରା ବୁଲି ଉଭୟ ଆଥଲେଟ୍ ଏକ ବୁଲେଟ୍ ମୋଟର ସାଇକେଲ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଯାଇଥିଲେ । ଏଥିରେ ଉଭୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ





ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ହେପାଜତକୁ ନେବା ସହ ମୃତକଙ୍କ ପରିବାରକୁ ସୂଚନା ଦେଇଥିବା ଜଣାପଡ଼ିଛି । ପୋଲିସ ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଦୁଇ ଜଣ ଯୁବ କ୍ରୀଡ଼ାବିତ୍‌ଙ୍କ ଏଭଳି ଅକାଳ ବିୟୋଗ କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ସେମାନଙ୍କ ଅକାଳ ବିୟୋଗରେ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି ।

## ୨୩ରେ ଚିନ୍ମୟ ଅମୃତ ମହୋତ୍ସବ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

୨୨/୧୦(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୬ ଅକ୍ଟୋବର ୨୩ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମଠାରେ ଚିନ୍ମୟ ଅମୃତ ମହୋତ୍ସବ ବିଶ୍ୱ ସମ୍ମିଳନୀର ଉଦ୍ଘାଟନ କରିବେ । ଏହି ଅବସରରେ ସେ ଉପସ୍ଥିତ ଜନସମାବେଶକୁ ମଧ୍ୟ ଉଦ୍‌ବୋଧନ ଦେବେ । ୨୩ରୁ ୨୫ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ତିନି ଦିନିଆ ସମ୍ମିଳନୀରେ ଭାରତ ତଥା ବିଦେଶରୁ ୯,୦୦୦ରୁ ଅଧିକ ଅଂଶଗ୍ରହଣକାରୀ ଏକତ୍ରିତ ହେବେ । ଏହା ଚିନ୍ମୟ ମିଶନର ୭୫ ବର୍ଷ ପୂର୍ତ୍ତୀ ଉପଲକ୍ଷେ ବର୍ଷବ୍ୟାପୀ ଚାଲିଥିବା ଉତ୍ସବର ସମାପନ ଅଟେ । ସ୍ୱାମୀ ଚିନ୍ମୟାନନ୍ଦଙ୍କ ଦ୍ୱାରା ୧୯୫୧ରେ ସ୍ଥାପନା କରାଯାଇଥିବା ଏହି ବିଶ୍ୱସ୍ତରୀୟ ଆଧାତ୍ମିକ ଆନ୍ଦୋଳନର ଲକ୍ଷ୍ୟ ଥିଲା ବେଦାନ୍ତ ଏବଂ ଭଗବତ ଗୀତାର ଜ୍ଞାନକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା । ଦଶନ୍ଧି ଧରି, ଏହି ମିଶନ ଆଧାତ୍ମିକ ଶିକ୍ଷା, ସାଂସ୍କୃତିକ ସଂସ୍କରଣ, ଯୁବ ସଶକ୍ତିକରଣ ଏବଂ ସାମାଜିକ ସେବା କ୍ଷେତ୍ରରେ ନିଜର କାର୍ଯ୍ୟକ୍ରମକୁ ବିସ୍ତାର କରିଆସିଛି । ଏହି ବର୍ଷବ୍ୟାପୀ ଉତ୍ସବ ଗତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତାମିଲନାଡୁର ଗଙ୍ଗଇକୋଣ୍ଡା ଚୋଳପୁରମ୍‌ଠାରେ ଭଗବତ ଗୀତାର ଏକ ତାମିଲ ପଦ୍ୟାନୁବାଦକୁ ଉନ୍ମୋଚନ ଅବସରରେ ଆରମ୍ଭ କରାଯାଇଥିଲା । ଏହି ଅନୁବାଦଟି ଚିନ୍ମୟ ମିଶନ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଏବଂ



ଏଥିରେ ଇଲୈୟାରାଜା ସଙ୍ଗୀତ ସଂଯୋଜନା କରିଥିଲେ । ବର୍ଷ ସାରା ଅନେକ କାର୍ଯ୍ୟକ୍ରମ ଓ ଉତ୍ସବ ଆୟୋଜିତ ହୋଇଥିଲା । ଯେପରିକି ବିଭିନ୍ନ ସ୍ଥାନରେ ସାମୂହିକ ଯଜ୍ଞ, ତ୍ରିପୁରାରେ ମା' ସୌନ୍ଦର୍ଯ୍ୟା ଚିନ୍ମୟୀ ମନ୍ଦିରର ପ୍ରତିଷ୍ଠା ଏବଂ ଚିନ୍ମୟ ଗୀତା ସମର୍ପଣମ୍ ଇତ୍ୟାଦି, ଯେଉଁଥିରେ ବିଶ୍ୱବ୍ୟାପୀ ଏକ ଲକ୍ଷରୁ ଅଧିକ ଲୋକ ଅନ୍‌ଲାଇନ୍ ମାଧ୍ୟମରେ ଏକତ୍ର ହୋଇ ଭଗବତଗୀତାର ୧୫ଶ ଅଧ୍ୟାୟ ପାଠ କରିଥିଲେ । ଏହି ଉତ୍ସବର ଏକ ପ୍ରମୁଖ କାର୍ଯ୍ୟକ୍ରମ ଥିଲା ଗୀତା ପଞ୍ଚାମୃତ ଯାହା ଭଗବତ୍ ଗୀତାର ପାଞ୍ଚଟି ନିର୍ଦ୍ଦିଷ୍ଟ ଶ୍ଳୋକ ଉପରେ ଆଧାରିତ ଥିଲା । ଗୀତା ବାର୍ତ୍ତାକୁ ସମଗ୍ର ଦେଶରେ ପହଞ୍ଚାଇବା ପାଇଁ ଚିନ୍ମୟ ଯୁବ କେନ୍ଦ୍ରର ୧୫ ଜଣ ଯୁବ ସଦସ୍ୟ ଚିନ୍ମୟ ଅମୃତ ଯାତ୍ରା ଆରମ୍ଭ କରିଥିଲେ ଏବଂ ଦେଶବ୍ୟାପୀ ୪୦ ହଜାର କିଲୋମିଟରରୁ ଅଧିକ ପଥ ଅତିକ୍ରମ କରିଥିଲେ ।

**AFFIDAVIT**

By virtue of an affidavit sworn before The Executive Magistrate, Banki affidavit no.3156, dtd.13.10.2026, I Mili Behera W/o-Dukhishyam Nayak At-Madhuapallipatana, Po-Kalapathar, Ps-Baidyeswar, Dist-Cuttack do hereby declare that, in my adhar card by name and police station name has written Mili Behera, Ps-Baidyeswar but unfortunately schools admission register of my sons Priyamaya Priyanshu Nayak my name wrongly mentioned Milli Behera Ps-Baideswar. Henceforth I shall be known as Mili Behera & my Police Station is Baidyeswar for all purposes.

**Sd/-Mili Behera**

**ପୂର୍ବ ତଟ ରେଳପଥ**

**ଇ-କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/SBP/Stores/Tender Publication/2026/, ତା.15.10.2026 ରିଖ

ଟେଣ୍ଡର ସଂ. 40266357, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ସୁବିଧାଜନକ/କଂପାକ୍ଟ ମୁଭେବଲ୍ ସାଇଲେଣ୍ଟ ଟାଇପ୍ ଇନଭର୍ଟର ଟେକ୍ନୋଲୋଜିର 3 KVA ଡିଜି ସେଟ୍ ଯୋଗାଣ, ଯାହା କେବଳ ପେଟ୍ରୋଲ୍ ଦ୍ୱାରା ଷ୍ଟାର୍ଟ ଏବଂ ଚାଲୁ ହେବା ପ୍ରକାରର, ଓଜନ 66.5 କିଲୋଗ୍ରାମରୁ କମ୍, 230 ଭୋଲ୍ଟ 50 ହର୍ଜ୍, ଆଉଟପୁଟ୍ ପାଇଁ ସକେଟ୍ 1ଟି, ଫିକ୍ସ ସାଇଡ୍ ହ୍ୟାଣ୍ଡେଲ୍ 2ଟି, ସହଜରେ ନେବା ଆଣିବା କରିବା ପାଇଁ ଚକ ଚକ 4 ଟି, ଅପରେଟିଂ ଚାବି 2ଟି। ଉତ୍ପାଦକ: କ୍ରମ୍ପଟନ୍ (Crompton), ଗ୍ରୀବ୍ସ (Greaves), କିର୍ଲୋସ୍କର ଗ୍ରୀନ୍ (Kirlosker Green), କେଇସି (KEC), କମିନ୍ସ (Cummins), କ୍ୟାଟରପିଲର, କୋଏଲ୍ (KOEL), ହୋଣ୍ଡା, ଅଶୋକ ଲେଲ୍ୟାଣ୍ଡ , ମହିନ୍ଦ୍ରା, ଟାଟା, ପାଣ୍ଟା ଭୋଲଭୋ (Panta Volvo) କେବଳ। ଗ୍ରହଣଯୋଗ୍ୟ ଉତ୍ପାଦକ: ହୋଣ୍ଡା। ମଡେଲ୍: ଇୟୁ30ଆଇଏସ୍ (EU30is)

ବନ୍ଦ ହେବା ତାରିଖ ଓ ସମୟ : 02.11.2026, 15.00 ଘଣ୍ଟା

ଇ-ଟେଣ୍ଡର ଡକୁମେଣ୍ଟ ସମେତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ www.ireps.gov.in ରେ ଉପଲବ୍ଧ । ଇ-ଟେଣ୍ଡର ହସ୍ତାକ୍ଷରଯୋଗ୍ୟ କୁହେଁ ଏବଂ ପୂର୍ବରୁ ୱେବସାଇଟରେ ପଞ୍ଜିକୃତ ହୋଇଥିବା ପୂର୍ବ ଅଧିକୃତ ଟେଣ୍ଡରରଙ୍କ ଦ୍ୱାରା DSCର ନିକଟରେ ଦାଖଲ କରାଯାଇ ପାରିବ। ଠେକଦାର ଦ୍ୱାରା କୌଣସି କାରଣ ନଦର୍ଶାଇ ଟେଣ୍ଡର ବାତିଲ କରିବା କିମ୍ବା ଯେକୌଣସି ବିଚାର ବିନା ବିଧିବଦ୍ଧ ରୂପେ ସମସ୍ତ ଟେଣ୍ଡର ବାଦ କରାଯାଇ ପାରିବ। ଟେଣ୍ଡରରମାନେ ଠିକ୍ ଭାବେ EMD ଏବଂ ଟେଣ୍ଡର ବାସ୍ତବିକ ମୂଲ୍ୟ ପୈଠ କରି ଇ-ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ସମ୍ବଲପୁର

PR-501/R/26-27

## ନୟାଗଡ଼ରେ ୨୧୦୦ ଘଟ ମେଳନ ଆଜି

**ନୟାଗଡ଼, ୨୨/୧୦(ନିପ୍ର):** ନୟାଗଡ଼ ବ୍ଲକ ନବଘନପୁର ଗ୍ରାମ ହାଇସ୍କୁଲ ପଡ଼ିଆରେ ଅକ୍ଟୋବର ୨୩ ତାରିଖରେ ମା' ମଙ୍ଗଳାଙ୍କ ୨୧୦୦ ଘଟ ମେଳନ ଅନୁଷ୍ଠିତ ହେବ । ଯୁବ ସମାଜସେବୀ ତଥା ଦେବୀଭକ୍ତ କବିରାଜ ସାହୁଙ୍କ ଉଦ୍ୟମରେ ଏହି ଧାର୍ମିକ ଉତ୍ସବ ଆୟୋଜନ କରାଯାଉଛି । ନୟାଗଡ଼, ଓଡ଼ଗାଁ ଓ ନୂଆଗାଁ ବ୍ଲକର ୬୦ଟି ଗ୍ରାମରୁ ୨୧୦୦ ଘଟ ଏଥିରେ ସାମିଲ ହେବ । ଘଟୁଆ ଓ କାଳେସୀଙ୍କ ସମେତ ପ୍ରାୟ ୧୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଆଶା ରହିଛି । ଏଥିପାଇଁ ପଡ଼ିଆରେ ବ୍ୟାରିକେଡ୍ ?, ତୋରଣ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି । ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ପୁଲିସ ଏବଂ ଗ୍ରାମବାସୀଙ୍କ ସହଯୋଗ ନିଆଯାଉଛି । ଅକ୍ଟୋବର ୨୨ ଓ ୨୩ ତାରିଖ ରାତିରେ ମହିଳା ରାମନାଟକ ପରିବେଷଣ ହେବ ।

## ନାଲ୍‌କୋ ପକ୍ଷରୁ ମୁଖ୍ୟ ସତର୍କତା ଅଧିକାରୀଙ୍କ ସମ୍ମିଳନୀ





**ଭୁବନେଶ୍ୱର, ୨୨।୧୦(ନିପ୍ର):** ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ନୈତିକ ପ୍ରଶାସନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନବରତ୍ନ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ନାଲ୍‌କୋ ପକ୍ଷରୁ ଭୁବନେଶ୍ୱରରେ ମୁଖ୍ୟ ସତର୍କତା ଅଧିକାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି । କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ତିନିମାସିଆ ସଚେତନତା ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ନାଲ୍‌କୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଏଥିରେ ନାଲ୍‌କୋର ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ ଯୋଗଦେଇ ସତର୍କତା ବ୍ୟବସ୍ଥାର ଗୁରୁତ୍ୱ ଉପରେ ମତ ରଖିଥିଲେ । ସମ୍ମିଳନୀରେ ପ୍ରତିଷେଧମୂଳକ ସତର୍କତା, ଭିଜିଲାନ୍ସ କ୍ଲିୟରାନ୍ସ, ସମ୍ବେଦନଶୀଳ ପଦବି ଚିହ୍ନଟ, ଅଭିଯୋଗ ପରିଚାଳନା ଓ ସତର୍କତା ବ୍ୟବସ୍ଥାର ପରିସର ସମ୍ପର୍କରେ ଆଲୋଚନା ହୋଇଥିଲା । ସଂସ୍ଥାଗୁଡ଼ିକର ବିଶ୍ୱସନୀୟତା ବୃଦ୍ଧି ଓ ଜନସାଧାରଣଙ୍କ ଆସ୍ଥା ବଜାୟ ରଖିବା ପାଇଁ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ପ୍ରଶାସନ ଅପରିହାର୍ଯ୍ୟ ବୋଲି ବକ୍ତାମାନେ କହିଥିଲେ । ଏଥିରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ, କେନ୍ଦ୍ରୀୟ ସତର୍କତା ଆୟୋଗ ଏବଂ ଗେଲ୍, ଭେଲ୍, ଏମ୍‌ସିଏଲ୍, ବେଲ୍, ଏଚ୍‌ସିଏଲ୍ ଓ ଏସ୍‌ଇସିଏଲ୍ ଭଳି ପ୍ରମୁଖ ସରକାରୀ ଉଦ୍ୟୋଗର ସତର୍କତା ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ସମ୍ମିଳନୀ ଅଭିଜ୍ଞତା ଆଦାନପ୍ରଦାନ ସହ ସତର୍କତା ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ଏବଂ କାର୍ଯ୍ୟକ୍ଷେତ୍ରରେ ନୈତିକତାର ପରିବେଶ ସୃଷ୍ଟି କରିବା ପାଇଁ ମଞ୍ଚ ପ୍ରଦାନ କରିଥିଲା ।

# 'ପ୍ରଧାନମନ୍ତ୍ରୀ ଦେଶକୁ ଯୋଡ଼ିବାକୁ ଚାହୁଁଛନ୍ତି, ନବୀନ ଭାଙ୍ଗିବା କାର୍ଯ୍ୟରେ ଲିପ୍ତ'

**ଭୁବନେଶ୍ୱର, ୨୨।୧୦(ନିପ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ଏକତ୍ରିତ କରିବା ସହ ଯୁବବର୍ଗଙ୍କ ବିକାଶ ପାଇଁ ନିରନ୍ତର କାମ କରୁଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭାଜନକାରୀ ଶକ୍ତିଙ୍କୁ ସମର୍ଥନ କରୁଛନ୍ତି ବୋଲି ବିଜେପି ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ଅଭିଯୋଗ କରିଛନ୍ତି । ଗୁରୁବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଥିଲେ ଯେ, ସିଜେପି ଆନ୍ଦୋଳନର ଦୁଇ ମୁଖ୍ୟ କର୍ଣ୍ଣଧାର ଆଶୁତୋଷ ରାଙ୍କା ଓ ସୌରଭ ଦାସଙ୍କ





ଗିରଫଦାରୀକୁ ନବୀନ ପଟ୍ଟନାୟକ ନିନ୍ଦା କରିବା ସହ ସେମାନଙ୍କ ମୁକ୍ତି ଦାବି କରିଛନ୍ତି । ଏହାଦ୍ୱାରା ସେ ନ୍ୟାୟିକ ଓ ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି । ଦୀର୍ଘ ୨୪ ବର୍ଷ ଧରି 'ଆଇନ ତା' ବାଟରେ ଯିବ' ବୋଲି କହୁଥିବା ନବୀନ ଏବେ କାହିଁକି ନିଜ ଆଭିମୁଖ୍ୟ ବଦଳାଇଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ । ଡ. ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ, ଗଣତାନ୍ତ୍ରିକ ଓ ପ୍ରଶାସନିକ ବ୍ୟବସ୍ଥାକୁ ଚାପ ପକାଇ ପରିବର୍ତ୍ତନ କରିବା ଏବଂ ଅରାଜକତାକୁ ପ୍ରୋତ୍ସାହନ ଦେବା ଦେଶର ଏକତା ପାଇଁ ଉଦ୍‌ବେଗଜନକ । ବିଜେଡି ଏଭଳି ଶକ୍ତିଙ୍କୁ ସମର୍ଥନ କରୁଛି କି ନାହିଁ, ତାହାର ଜବାବ ଦଳକୁ ଜନସାଧାରଣଙ୍କ ନିକଟରେ ଦେବାକୁ ପଡ଼ିବ ବୋଲି ସେ କହିଥିଲେ । ଅନ୍ୟପକ୍ଷରେ, ଆସନ୍ତା ୨୫ ତାରିଖରେ ପ୍ରଧାନମନ୍ତ୍ରୀ ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ । ଅପରାହ୍ନ ୪ଟାରେ ଭୁବନେଶ୍ୱରରେ ପହଞ୍ଚି ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟରେ ପ୍ରାୟ ୧୭୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଆରବିଆଇ ଡାଟା ସେଣ୍ଟରର ଉଦ୍‌ଘାଟନ କରିବେ । ପରେ ଭୁବନେଶ୍ୱର ଫେରି ସନ୍ଧ୍ୟା ୭ଟାରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ । ଏହି ଡାଟା ସେଣ୍ଟର ଦେଶର ତଥ୍ୟ ସୁରକ୍ଷା ଓ ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ସହ ଓଡ଼ିଶାର ଡିଜିଟାଲ୍ ଶିଳ୍ପ ଓ ଆଇଟି କ୍ଷେତ୍ରର ବିକାଶକୁ ଗତି ଦେବ ବୋଲି ଡ. ମହାନ୍ତି କହିଥିଲେ । ଡବଲ୍ ଇଞ୍ଜିନ୍ ସରକାର ଗଠନ ପରେ ଏହା ମୋଦିଙ୍କ ନବମ ଓଡ଼ିଶା ଗସ୍ତ ବୋଲି ସେ ସୂଚନା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଓ ସଞ୍ଜୟ ରଥ ଉପସ୍ଥିତ ଥିଲେ ।

**ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାଙ୍କୀ**

**OFFICE OF THE SUBCOLLECTOR, BANKI**

Email id: subcoll.banki@od.gov.in, Phone No:06723-240201

**QUOTATION CALL NOTICE**

Quotation No.8436/2026-27 Date: 21.10.26

Sealed quotations are invited from authorised manufactures/ dealers/ suppliers for body building of Dead Body Carrying Vehicle (Swarga Ratha).

Specification:
-Four-wheeler dead body carrying vehicle.
-Stainless steel/Aluminium body.
-Freezer box facility (if required)
-All registration, insurance and standard accessories included.
-warranty minimum 1 year.

Last date of receipt: 09/11/2026 up to 3:00 PM.

Opening of quotation: Same day at 4:00 PM. In the office chamber of the Sub-Collector, Banki.The authority reserves the right to accept or reject nay or all quotations without assigning any reason.

***Sd/- Sub-Collector, Banki***

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ